RNI No.ODIODI/2010/33031
୧୬ ବର୍ଷ | Volume- 16
ISSUE -278 | ସଂଖ୍ୟା-୨୭୮
ଭୁବନେଶ୍ୱର, ମଙ୍ଗଳବାର ୨୦ ଜାନୁଆରୀ ୨୦୨୬
Bhubaneswar, Tuesday 20 January, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com | RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




## ଜାନୁଆରୀ ୨୬ରେ ଯୋଗ ଦେବେ ୧୦ ହଜାର ଅତିଥି

ନୂଆଦିଲ୍ଲୀ,୧୯।୧(ନି.ପ୍ର.): ଦିଲ୍ଲୀର କର୍ତ୍ତବ୍ୟ ପଥରେ ଆୟୋଜିତ ହେବାକୁ ଥିବା ୭୭ତମ ସାଧାରଣତନ୍ତ୍ର ଦିବସ ପରେଡରେ ୧୦ ହଜାରରୁ ଊର୍ଦ୍ଧ୍ୱ ଅତିଥି ସାମିଲ ହେବେ । ସମଗ୍ର ଦେଶରୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାମ କରି ଅନ୍ୟ ପାଇଁ ଏକ ଉଦାହରଣ ସୃଷ୍ଟି କରିଥିବା ବ୍ୟକ୍ତି ବିଶେଷଙ୍କୁ କର୍ତ୍ତବ୍ୟ ପଥରେ ସାଧାରଣତନ୍ତ୍ର ଦିବସର ଭବ୍ୟ ସମାରୋହରେ ସାକ୍ଷୀ ରହିବେ । କ୍ରୀଡ଼ା, କୃଷି, ଷ୍ଟାଟ-ଅପ୍, ଏସଏଚ୍‌ଜି ଗ୍ରୁପର ସଦସ୍ୟମାନେ ଯୋଗ ଦେବେ । ବିଶ୍ୱ ପାରା ଆଥେଲେଟିକ୍ ଚାମ୍ପିଅନ୍‌ର ବିଜେତା, ପଲ୍‌ସେସ୍ ସେଲ୍ଫ-ରିଲିଆନ୍ସ ମିସନର ଭଲ ପ୍ରଦର୍ଶନ କରିଥିବା ବ୍ୟକ୍ତି, ପିଏମ୍ ସ୍ମାଇଲ୍ ଯୋଜାନରେ ଉପକୃତ ହୋଇଥିବା କିନ୍ନର ଏବଂ ଭିକ୍ଷୁକ, ଧରତୀ ଅବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନର ହିତାଧିକାରୀ, କର୍ତ୍ତବ୍ୟ ଭବନର ନିର୍ମାଣ କର୍ମଚାରୀ, ମନ କୀ ବାତ ଅଂଶଗ୍ରହଣକାରୀ, ଲକ୍ଷପତି ଦିଦିମାନେ ସାମିଲ ହେବେ ।

## ବିଜାପୁରରେ ପୁଲିସ ଓ ଯବାନଙ୍କୁ ବଡ ସଫଳତା

# ଏନକାଉଣ୍ଟରରେ ଟଳିଲେ ୬ ହାର୍ଡକୋର ମାଓବାଦୀ

ଛତିଶଗଡ,୧୯।୧(ନି.ପ୍ର.): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ବିଜାପୁରରେ ପୁଲିସ ଓ ଯବାନଙ୍କୁ ମିଳିଛି ବଡ ସଫଳତା। ଏକ ବଡ ଧରଣର



ଏନକାଉଣ୍ଟରରେ ୬ ମାଓବାଦୀ ନିପାତ ହୋଇଛନ୍ତି। ବିଜାପୁର ଜିଲ୍ଲା ନେସନାଲ ପାର୍କ ଜଙ୍ଗଲରେ ସୁରକ୍ଷାକର୍ମୀ ଏବଂ ମାଓବାଦୀ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ପୋଲିସର ଏନକାଉଣ୍ଟରରେ ୪ ମହିଳା ମାଓବାଦୀ ସମେତ ୬ ହାର୍ଡକୋର ମାଓବାଦୀ ନିହତ ହୋଇଛନ୍ତି।

ଏନକାଉଣ୍ଟରରେ ମୃତ ମାଓବାଦୀ ହେଲା ନେସନାଲ ପାର୍କ ଏରିଆ କମ୍ପିଟି କମାଣ୍ଡର ମାଓ ନେତା ଦିଲିପ ଭେଡ଼ଜା। ତା ମୁଣ୍ଡରେ ଥିଲା ଆଠ ଲକ୍ଷ ଟଙ୍କାର ପୁରସ୍କାର ରାଶି। ସେହିପରି ୫ ଲକ୍ଷ ଟଙ୍କା ପୁରସ୍କାର ଥିଲା ଇଉଗ କ୍ୟାଡ଼ର ମାଓବାଦୀ ମାଡ଼ବୀ କୋଷା ଉପରେ। ଏବେବି ସୁରକ୍ଷାକର୍ମୀ ପକ୍ଷରୁ ଅପରେସନ ଜୋରଦାର କରାଯାଇଛି। ସୀମାନ୍ତ ଅଞ୍ଚଳକୁ ସିଲ କରାଯାଇଛି। ଏସ୍‌ଟିଏଫ, ଡିଆରଜି, ସିଆରପିଏଫ ଜବାନଙ୍କ ଅପରେସନ ବେଳେ ଏହି ସଫଳତା ମିଳିଛି। ଏଥିସହ ଏହି ଅପରେସନରେ ୨ଟି ଲେଖାଏଁ ଏକେ-୪୭, ୩୦୩ ରାଇଫଲ ଓ ଗୋଟିଏ ଇନସାସ୍ ଜବତ ହୋଇଛି।

ଜାନୁଆରୀ ୩ ତାରିଖରେ, ବସ୍ତର ଅଞ୍ଚଳରେ ଦୁଇଟି ଏନକାଉଣ୍ଟରରେ ୧୪ ଜଣ ନକ୍ସଲ ନିହତ ହୋଇଥିଲେ, ଯେଉଁଥିରେ ବିଜାପୁର ସମେତ ସାତଟି ଜିଲ୍ଲା ଅନ୍ତର୍ଭୁକ୍ତ। ଗତ ବର୍ଷ, ଛତିଶଗଡ଼ରେ ସୁରକ୍ଷା ବାହିନୀ ସହିତ ଏନକାଉଣ୍ଟରରେ ୨୮୫ ଜଣ ନକ୍ସଲ ନିହତ ହୋଇଥିଲେ। ବାମପନ୍ଥୀ ଉଗ୍ରବାଦକୁ ଦୂର କରିବା ପାଇଁ କେନ୍ଦ୍ର ସରକାର ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ କରିଛନ୍ତି।

## ସମୟ ସୀମା ମଧ୍ୟରେ ଦୂର ହେବ ଜମି ସମସ୍ୟା

ପୁରୀ୧୯।୧(ନି.ପ୍ର.):: ଖୁବ ଶୀଘ୍ର ଆସିବ ଓଡିଶା ଲ୍ୟାଣ୍ଡ ମ୍ୟାନେଜମେଣ୍ଟ ଆକ୍ଟ। ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଜମି ସମସ୍ୟା ଦୂର କରାଯିବାକୁ ଏ ନେଇ ଆଜି ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀକ୍ଷ ମନ୍ତ୍ରୀ ଆଜି ପୁରୀ ଗସ୍ତରେ ଯାଇଥିବା ବେଳେ ସୂଚନା ଦେଇ କହିଛନ୍ତି, 'ପୁରୀର ଜମି ସମସ୍ୟା ନେଇ



ସମସ୍ତ ବିଭାଗ ସହ ଆଲୋଚନା କରାଯାଇଛି । ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି' ।

ଓଡିଶା ଲ୍ୟାଣ୍ଡ ମ୍ୟାନେଜମେଣ୍ଟ ଆକ୍ଟ ପାଇଁ ଆଜି ସନ୍ଧ୍ୟା ୫ଟାରେ ସଚିବାଳୟ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଛି । ଅନେକ ଆଇନକୁ ଏଥିରେ ସଂଶୋଧନ କରାଯାଉଛି । ଏହି ନୂତନ ଆଇନ ବହୁ ପୁରୁଣା ରାଜସ୍ୱ ଆଇନକୁ ବଦଳାଇବ, ଯାହା ଫଳରେ ନାଗରିକମାନେ ସ୍ଥାନୀୟ ତହସିଲଦାରଙ୍କ ମାଧ୍ୟମରେ ଜମି ରେକର୍ଡ ଏବଂ ମ୍ୟୁଟେସନ ପରିଚାଳନା କରିପାରିବେ। ତେବେ ଏହି ଆକ୍ଟରେ ସମସ୍ତ ଆଇନକୁ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାରେ ପରିଣତ କରାଯାଉଛି ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ।

# ଗୋ-ମାଫିଆଙ୍କୁ ଆଉ ନିସ୍ତାର ନାହିଁ

କେନ୍ଦୁଝର,୧୯।୧(ନି.ପ୍ର.): ରାଜ୍ୟରେ ଗୋ-ମାଫିଆଙ୍କୁ ଆଉ ନିସ୍ତାର ନାହିଁ । ବଡ଼ ଧରଣର ଗୋ-ଚାଲାଣ ରାକେଟ୍ ପର୍ଦ୍ଦାଫାସ୍ ହୋଇଛି । ବେଆଇନ ଗୋରୁ ଚାଲାଣ କରି ହୋଇଛନ୍ତି କୋଟି କୋଟି ସମ୍ପତ୍ତିର ମାଲିକ । କେନ୍ଦୁଝର ଜିଲ୍ଲା ପୋଲିସ ଗିରଫ ୧୦ଜଣ ଗୋ-ମାଫିଆଙ୍କୁ କୋର୍ଟ ଚାଲାଣ କରିଛି ।

ସମସ୍ତ ଗୋ ମାଫିଆଙ୍କଠାରୁ ଦେଢ଼ କୋଟିରୁ ଊର୍ଦ୍ଧ୍ୱ ନଗଦ ରାଶି ଜବତ ହୋଇଥିବାବେଳେ ୫୦ କୋଟିରୁ ସ୍ଥାବର ଅସ୍ଥାବର ସମ୍ପତ୍ତିର ମାଲିକ । ଗିରଫ ଅଭିଯୁକ୍ତଙ୍କର ୫୦ଟି ବ୍ୟାଙ୍କ ଆକାଉଣ୍ଟ ସହିତ, ୨୦ରୁ ଊର୍ଦ୍ଧ୍ୱ ଲକର୍ ଖୋଲାଯିବା ପରେ ଗୋ ମାଫିଆମାନଙ୍କର ପ୍ରକୃତ ସମ୍ପତ୍ତିର ଆକଳନ କରାଯିବ । ଏହି ଅପରେସନ୍ ଜାରି ରହିଥିବା କହିଛନ୍ତି କେନ୍ଦୁଝର ଏସପି ନିତିନ କୁଶଲକର ।

ଏନେଇ ଏସପି କହିଛନ୍ତି ବର୍ତ୍ତମାନ ସୁଦ୍ଧା ଗୋ ମାଫିଆଙ୍କ ବିରୁଦ୍ଧରେ ଅପେରସନ ଜାରି ରହିଛି । ଆଗକୁ ଏମାନଙ୍କ ଲିଙ୍କ କାହା ସହିତ ଥିଲା ତା ଉପରେ ମଧ୍ୟ ଯାଞ୍ଚ ଚାଲିବ । ଏଥିସହ ଗିରଫ ବ୍ୟକ୍ତିମାନଙ୍କ ବ୍ୟାଙ୍କ ଏକାଉଣ୍ଟ ଫ୍ରିଜ କରାଯିବା ସହ ସେମାନଙ୍କ ନାମ ରେ ଥିବା ଲକର ଖୋଲିବା ପାଇଁ ବ୍ୟାଙ୍କ ଗୁଡିକକୁ ଜଣାଯିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଶନିବାର ଓ ରବିବାର ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଯାଜପୁର ଏବଂ କେନ୍ଦୁଝର ଜିଲ୍ଲାରେ ବଡ଼ ଧରଣର ରେଡ୍ ହୋଇଥିଲା । ୫ଟି ଜିଲ୍ଲାରେ ଗୋ-ମାଫିଆଙ୍କ ୪୬ଟି ଠିକଣାରେ ଏକ ବଡ଼ ଧରଣର ଚଢ଼ାଉ କରିଥିଲା କେନ୍ଦୁଝର ଜିଲ୍ଲା ପୋଲିସ । ଗିରଫ ଅଭିଯୁକ୍ତଙ୍କ ମୁଖ୍ୟ ଅଭିଯୁକ୍ତ ଶେଖ୍ ତାଜୁଦ୍ଦିନ୍ ଓରଫ୍ ରାଜନ୍ ରହିଛି । ଚଢ଼ଉ ସମୟରେ ମାଫିଆଙ୍କର ଘର, ବ୍ୟାଙ୍କଜମା, ଜମିବାଡ଼ି ସହ, ଅନ୍ୟାନ୍ୟ ସମ୍ପତ୍ତି ରହିଛି, ଯାହା ମାଫିଆମାନେ ବେଆଇନ ଗୋ-ଚାଲାଣ କରି ଅର୍ଜନ କରିଛନ୍ତି । ଗୋ-ମାଫିଆଙ୍କର ୫୦ କୋଟି ଟଙ୍କାର ସମ୍ପତ୍ତି ଠାବ ହୋଇଛି । ଏହା ସହିତ ଆଗକୁ ମଧ୍ୟ ଆହୁରି ସମ୍ପତ୍ତି ଆକଳନ କରାଯିବା ନେଇ ଏସପି ସୂଚନା ଦେଇଛନ୍ତି । ଚଢ଼ାଉ ସମୟରେ ୧୦ଜଣ ଗୋମାଫିଆଙ୍କଠାରୁ ୧କୋଟି ୫୨ଲକ୍ଷ ୮୨ହଜାର ୫୦୫ ନଗଦ ଟଙ୍କା, ୧କେଜି ୧୩୧ ଗ୍ରାମ୍ ସୁନା, ୩ କେଜି ୮୦ଗ୍ରାମ୍ ରୁପା, ୨୩ଟି ଚାରି ଚକିଆ ଗାଡ଼ି, ୨୩ଟି ଦୁଇ ଚକିଆ ଗାଡ଼ି, ୧୩ଟି ମୋବାଇଲ୍ ଫୋନ୍ ଏବଂ ୨୧ଟି ହାତଘଣ୍ଟା ଜବତ କରିଥିଲା ।

# ଦିଲ୍ଲୀରେ ହେବ ଗଣତନ୍ତ୍ର ଓ ନିର୍ବାଚନ ପରିଚାଳନା ସମ୍ମିଳନୀ

ନୂଆଦିଲ୍ଲୀ,୧୯।୧: ଭାରତୀୟ ନିର୍ବାଚନ ଆୟୋଗ ଜାନୁଆରୀ ୨୧ ରୁ ୨୩ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀର ଭାରତ ମଣ୍ଡପମରେ ଅନ୍ତର୍ଜାତୀୟ ଗଣତନ୍ତ୍ର ଏବଂ ନିର୍ବାଚନ ପରିଚାଳନା ସମ୍ମିଳନୀ ୨୦୨୬ ଆୟୋଜନ କରିବ ।ଇଣ୍ଡିଆ। ଇଣ୍ଟରନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଡେମୋକ୍ରାସି ଆଣ୍ଡ ଇଲେକ୍ସନ ମ୍ୟାନେଜମେଣ୍ଟ ଦ୍ୱାରା ଆୟୋଜିତ, ଏହି ତିନି ଦିନିଆ। ସମ୍ମିଳନୀ ଗଣତନ୍ତ୍ର ଏବଂ ନିର୍ବାଚନ ପରିଚାଳନା କ୍ଷେତ୍ରରେ ଭାରତ ଦ୍ୱାରା ଆୟୋଜିତ ସର୍ବବୃହତ ଅନ୍ତର୍ଜାତୀୟ ସମାବେଶ ହେବ ବୋଲି ଆଶା କରାଯାଉଛି ।ଏକ ସରକାରୀ ବିଜ୍ଞପ୍ତି ଅନୁଯାୟୀ, ୭୦ରୁ ଅଧିକ ଦେଶର ପ୍ରାୟ ୧୦୦ ଅନ୍ତର୍ଜାତୀୟ ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଯୋଗଦେବେ । ଏଥିରେ ଅନ୍ତର୍ଜାତୀୟ ସଂଗଠନର ପ୍ରତିନିଧି, ଭାରତରେ ବିଦେଶୀ ମିଶନ ଏବଂ ନିର୍ବାଚନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶିକ୍ଷାଗତ ଏବଂ ବୃତ୍ତିଗତ ବିଶେଷଜ୍ଞମାନେ ଯୋଗଦେବେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର, ନିର୍ବାଚନ କମିଶନର ଡକ୍ଟର ସୁଖବୀର ସିଂହ ସାନ୍ଧୁ ଏବଂ ଡକ୍ଟର ବିବେକ ଜୋଶୀଙ୍କ ସହିତ, ପ୍ରତିନିଧିମାନଙ୍କୁ ସ୍ୱାଗତ କରିବେ ଏବଂ ଜାନୁଆରୀ ୨୧ ତାରିଖରେ ଉଦଘାଟନୀ ଅଧିବେଶନରେ ସମ୍ମିଳନୀକୁ ଆନୁଷ୍ଠାନିକ ଭାବରେ ଆରମ୍ଭ କରିବେ । ସମ୍ମିଳନୀର ଏକ ଅଂଶ ଭାବରେ, ୩୬ ଟି ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା କରିବେ। ବିଶ୍ୱବ୍ୟାପୀ ନିର୍ବାଚନ କର୍ତ୍ତୃପକ୍ଷଙ୍କ ଦ୍ୱାରା ସମ୍ମୁଖୀନ ହେଉଥିବା ସାଧାରଣ ସମସ୍ୟା ଉପରେ ଆଲୋଚନା ହେବ।

# ବ୍ୟାଙ୍କରୁ ଲୁଟିନେଲେ ୫ କୋଟିର ସୁନା ଓ ୮ ଲକ୍ଷ ଟଙ୍କା

ବଡ଼ବିଲ,୧୯।୧(ନି.ପ୍ର.): କେନ୍ଦୁଝର ଜିଲ୍ଲାର ବଡବିଲ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରେ ସଶସ୍ତ୍ର ଡକାୟତି ହୋଇଛି। ଡକାୟତମାନେ ବନ୍ଧୁକ ମୁନରେ ୮ ଲକ୍ଷ ଟଙ୍କା ଓ ୫ କୋଟିରୁ ଅଧିକ ସୁନା ଲୁଟ୍ କରି ଫେରାର ହୋଇଯାଇଛନ୍ତି। କେନ୍ଦୁଝର ଜିଲ୍ଲାର ଖଣିଜ ସହର ବଡବିଲର କଳିଙ୍ଗ ରାସ୍ତା ସ୍ଥିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଶାଖାରେ ଏକ ଗମ୍ଭୀର ସଶସ୍ତ୍ର ଡକାୟତି ଘଟଣା ଘଟିଥିବା ସୂଚନା ମିଳିଛି। ଦିନ ଦିପ୍ରହରେ ଘଟିଥିବା ଏହି ଡକାୟତି ଘଟଣା ସମଗ୍ର ସହରରେ ଆତଙ୍କ ଓ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପ୍ରାପ୍ତ ସୂଚନା ଅନୁସାରେ, ୫ରୁ ୬ ଜଣ ଅଜଣା ଡକାୟତ ଗ୍ରାହକ ସେବା ନେବା ନାଟକରେ ବ୍ୟାଙ୍କ ଭିତରକୁ ପ୍ରବେଶ କରିଥିଲେ। ହଠାତ୍ ସେମାନେ ବନ୍ଧୁକ ବାହାର କରି ବ୍ୟାଙ୍କ କର୍ମଚାରୀ ଓ ଉପସ୍ଥିତ ଗ୍ରାହକମାନଙ୍କୁ ଭୟଭୀତ କରିଥିଲେ। ବନ୍ଧୁକ ମୁନରେ ପ୍ରାୟ ୮ ଲକ୍ଷ ଟଙ୍କା ନଗଦ ସହ ବ୍ୟାଙ୍କରେ ରଖାଯାଇଥିବା ପ୍ରାୟ ୫ କୋଟି ଟଙ୍କା ମୂଲ୍ୟର ସୁନା ଗହଣା ଲୁଟ୍ କରି ଡକାୟତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ସନ୍ଦେହ କରାଯାଉଛି।

ଘଟଣାର ସୂଚନା ପାଇବା ସହିତ ବଡବିଲ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୁଲିସ ପକ୍ଷରୁ ସିସିଟିଭି କ୍ୟାମେରା ଫୁଟେଜ୍ ଯାଞ୍ଚ କରାଯାଉଛି ଏବଂ ଡକାୟତମାନେ କେଉଁ ଦିଗକୁ ଫେରାର ହୋଇଥିଲେ, ସେନେଇ ତଦନ୍ତ ଜୋରଦାର କରାଯାଇଛି। ଜିଲ୍ଲାର ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରାଯାଇ ଡକାୟତମାନଙ୍କୁ ଧରିବା ପାଇଁ ପୁଲିସ ଚେଷ୍ଟା ଜାରି ରହିଛି।






## ୨,୯୬୭ ବୋତଲ କଫ୍ ସିରପ୍ ଜବତ : ୨ ଗିରଫ

ଅନୁଗୁଳ,୧୯।୧(ନି.ପ୍ର): ଅନୁଗୁଳ ପୋଲିସ ବେଆଇନ ନିଶା କାରବାର ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିବା ସହ ୨୯୬୭ ବୋତଲ କଫ୍ ସିରପ୍ ଜବତ କରିଛି । ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ ଅନୁଗୁଳ ଏସପି ରାହୁଲ ଜୈନ ଏହି ସୂଚନା ଦେଇଛନ୍ତି। ଜିଲାରେ ନିଶା ବେପାରକୁ ମୂଳପୋଛ କରିବା ଲକ୍ଷ୍ୟରେ ଅନୁଗୁଳ ପୋଲିସ ପକ୍ଷରୁ ଚାଲୁ କରିଥିବା 'ଅପରେଶନ ପ୍ରହାର ୨.୦ ଅଧୀନରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଏସପି କହିଥିଲେ। ଏସପିଙ୍କ ନିର୍ଦ୍ଦେଶରେ ସ୍ୱତନ୍ତ୍ର ସ୍କ୍ୱାଡ ଓ ଟାଉନ ଥାନା ପୋଲିସ ମିଳିତ ଭାବେ ଟାଉନ ହାଇସ୍କୁଲ ସମ୍ମୁଖରେ ବନ୍ଦ ଥିବା ଭେଣ୍ଡିଂ ଜୋନ୍ ଦୋକାନ ଉପରେ ଚଢ଼ାଉ କରି ଏହି କଫ୍ ସିରପ ଜବତ କରିଥିଲା। ଏହି ଚଢ଼ାଉରେ ୨ ଜଣ ଅଭିଯୁକ୍ତ କାଳିଆ ସାହୁ(୪୫) ଓ ରଞ୍ଜନ କୁମାର ଦେହୁରୀ ୪୯)କୁ ଗିରଫ କରାଯାଇଛି। ପୋଲିସ ଜେରାବେଳେ ଅଭିଯୁକ୍ତ ମାନେ କଟକରୁ କମ୍ ଦରରେ କଫ ସିରପ ଆଣି ଅନୁଗୁଳ ଓ ଢେଙ୍କାନାଳରେ ଅଧିକ ଦାମରେ ବିକ୍ରିକରୁଥିବା କଥା ସ୍ୱୀକାର କରିଥିବା ସୂଚନା ମିଳିଛି। ନିଶା ସାମଗ୍ରୀ ଚୋରାଚାଲାଣ ପଛରେ ଥିବା ବଡ଼ ନେଟୱର୍କକୁ ଧରିବା ପାଇଁ ପୋଲିସ ତଦନ୍ତ ଜୋରଦାର କରିଥିବା ବେଳେ ଆଗାମୀ ଦିନରେ ଏପରି ଅଭିଯାନ ଆହୁରି କଠୋର ହେବ ବୋଲି ଏସ୍‌ପି ରାହୁଲ ଜୈନ ସୂଚନା ଦେଇଛନ୍ତି ।

## ଆସନ୍ତା ୩ ଦିନରେ ହେବ ଆୟୁଷ୍ମାନ ଯୋଜନା ସମସ୍ୟାର ସମାଧାନ : ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର,୧୯।୧(ନି.ପ୍ର.):: ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ଭାରତ ଡିଜିଟାଲ୍ ମିଶନ (ଇଇଓଂଗ) ସମ୍ପର୍କରେ ଦୁଇ ଦିନିଆ ଚିନ୍ତନ ଶିବିର ଆୟୋଜିତ ହୋଇଛି। ଏହି ଶିବିରରେ ଯୋଜନାର କାର୍ଯ୍ୟାନ୍ୱୟନ, କାର୍ଡ ତିଆରି ପ୍ରକ୍ରିୟା ଓ ଡିଜିଟାଲ୍ ସୁବିଧା ନେଇ ଆଲୋଚନା କରାଯାଇଛି। ଏହି ଶିବିରରେ ଯୋଗଦେଇ ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି ଯେ, ଆୟୁଷ୍ମାନ ଭାରତ କାର୍ଡ ସମ୍ପର୍କିତ ସମସ୍ତ ସମସ୍ୟା ଖୁବଶୀଘ୍ର ସମାଧାନ ହେବ। ଆୟୁଷ୍ମାନ ଯୋଜନାକୁନେଇ ସମସ୍ତ ସମସ୍ୟାର ସମାଧାନ ଆସନ୍ତା ୩ ଦିନରେ ହେବ। ଯେଉଁ ଯୋଗ୍ୟ ଲାଭାର୍ଥୀ ମାନଙ୍କର ଏ ପର୍ଯ୍ୟନ୍ତ କାର୍ଡ ହୋଇନାହିଁ, ସେମାନେ ଡିଜିଟାଲ୍ ମାଧ୍ୟମରେ ନିଜ ତଥ୍ୟ ଦେଖିପାରିବେ ଓ ଆବେଦନର ସ୍ଥିତି ଜାଣିପାରିବେ।









## କୁରସୁଡ଼ ଶ୍ରୀ ଜଗନ୍ନାଥ ହାଇସ୍କୁଲ ର ୧୯୯୬ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ

**ବଙ୍ଗୋମୁଣ୍ଡା ,୧୯।୧:(ମନ୍ଥନ)** ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ କୁରସୁଡ଼ ଗାଁ ନିକଟସ୍ଥ ମହୁଲଭଟା ଖେଳ ପଡିଆ। ଠାରେ କୁରସୁଡ଼ ଶ୍ରୀ ଜଗନ୍ନାଥ ହାଇସ୍କୁଲ ର ୧୯୯୬ ମାଟ୍ରିକ ବ୍ୟାଚ ର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ସଂଜୀବ ସାହୁ ଙ୍କ ନେତୃତ୍ୱରେ ଆୟୋଜନ ହୋଇଥିବା ବେଳେ ମନୋଜ କୁମାର ଜୈନ ପରିଚାଳନା କରିଥିଲେ ।ଏଥିରେ ସମ୍ମାନୀୟ ଅତିଥି ଭାବେ ବିଜ୍ଞାନ ଶିକ୍ଷକ ଶଙ୍କର୍ଷଣ ସ୍ୱାଇଁ ଯୋଗ ଦେଇଥିଲେ ।୬ ଜଣ ଛାତ୍ର ଙ୍କ ବିୟୋଗ ରେ ଶୋକସଭା କରିଥିଲେ ।ସ୍କୁଲ ସମୟ ର କଥା ମନେ ପକାଇ ସ୍ମୃତିଚାରଣ କରିଥିଲେ ।ଏଥିରେ ପୁରାତନ ଛାତ୍ର ମନୋଜ ଜୈନ, ଅନିଲ ପଟ୍ଟନାୟକ, ଆଲୋକ ଜୈନ, ଝସକେତନ ସାହୁ, ପଙ୍କଜ ଶବର, ନବୀନ କୁମାର ମହାନ୍ତି , ଜଗନ୍ନାଥ ସାହୁ, ସୁଧୀର ବେହେରା, ଧରଣୀଧର ସାହୁ, ଖୁସିରାମ ବେହେରା, ରୁପା ବଛା, ଉପେନ୍ଦ୍ର ,



ଅଜୟଭୋଇ ,ଦେବରାଜ ଭୋଇ, କୁର୍ତ୍ତି ପରାଭୋଇ, ରାଜୁ ସାହୁ, ଯଶୋବନ୍ତି ଜାନୀ , ଦିନବନ୍ଧୁ ସାହୁଓ ଛାତ୍ରୀ ମାନଙ୍କ ମଧ୍ୟରେ ହିରନମୟୀ ପରିଡା,ରିଙ୍କି ଅଗ୍ରୱାଲ, ସୁଧା ବେହେରା ,ବବିତା ନାଏକ ,ପୁଷ୍ପାଞ୍ଜଳି ସାହୁ, ଜ୍ୟୋସ୍ନାମୟୀ ସାହୁ,ତପସ୍ୱିନୀ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଅନିଲ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ମାହେଶ୍ୱରୀ ସଂଗଠନର ବାର୍ଷିକ ସାଧାରଣ ବୈଠକ ୨୦୨୬

**ବଲାଙ୍ଗିର, ୧୯।୧:(ମନ୍ଥନ)**ସହରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ମାହେଶ୍ୱରୀ ପକ୍ଷରୁ ବାର୍ଷିକ ସାଧାରଣ ସଭା ସଫଳତା ସହିତ ଆୟୋଜିତ ହୋଇଛି । ଏହି ସଭାରେ ସାରା ଜିଲ୍ଲାରୁ ପ୍ରାୟ ୫୦୦ ଯୁବ ସଦସ୍ୟ ଭାଗ ନେଇ ଗତ ବର୍ଷର ସାମାଜିକ କାର୍ଯ୍ୟକଳାପ ଏବଂ ସଂଗଠନର ବାର୍ଷିକ ସାମାଜିକ ପ୍ରଭାବ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ ଯୋଗ ଦେଇଥିବା ବେଳେ, ବରିଷ୍ଠ ସାମ୍ବାଦିକ ମନୋରଂଜନ ଯୋଷୀ ମୁଖ୍ୟ ବକ୍ତା ଭାବରେ ଉପସ୍ଥିତ ରହି ସଂଗଠନର ସାମାଜି ସେବାକୁ ସ୍ୱୀକୃତି ଓ ପ୍ରଶଂସା କରିଥିଲେ । ସଭାରେ ମାହେଶ୍ୱରୀ ର ପରିଚାଳନା ନିର୍ଦ୍ଦେଶକ ଅଙ୍କୁଶ କୁମାର ପାଣ୍ଡିଆ ଆଗାମୀ ବର୍ଷ ପାଇଁ ସଂଗଠନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପସ୍ଥାପନ କରି କହିଥିଲେ ଯେ ମାହେଶ୍ୱରୀ କୁ ଜିଲ୍ଲାର ସବୁଠାରୁ ଶକ୍ତିଶାଳୀ, କ୍ରିୟାଶୀଳ ଏବଂ ନିଷ୍ଠାବାନ ସାମାଜିକ ସଂଗଠନ ଭାବରେ ଗଢି ତୋଳିବା ଆମ ଲକ୍ଷ୍ୟ । ସେ କହିଥିଲେ ଯେ, ସମାଜ ସେବାର ଆଧାର ମୂଳସ୍ତରରୁ ହେବା ଉଚିତ ଏବଂ ଏହି ଦିଗରେ ସମସ୍ତ ସଦସ୍ୟଙ୍କ ସକ୍ରିୟ ସହଭାଗ ଆବଶ୍ୟକ । ଏହି



ଅବସରରେ ସମାଜର ବୃଦ୍ଧ ବର୍ଗର ସହାୟତା ଉଦ୍ଦେଶ୍ୟରେ ୧୦ ଜଣ ବିଶିଷ୍ଟ ନାଗରିକ ଙ୍କୁ ସହାୟକ ସାମଗ୍ରୀ ଯଥା ହ୍ୱିଲ ଚେୟାର, କମୋଡ୍, ନେକ୍ ବେଲ୍ଟ ଆଦି ପ୍ରଦାନ କରାଯାଇଥିଲା । ସଭାକୁ ତୃପ୍ତିମୟୀ ମହାପାତ୍ର ସଫଳତାର ସହିତ ସଂଯୋଜନା କରିଥିଲେ । ଏହି ସଭାରେ ଟିଟିଲାଗଡ, ଦେଓଗାଁ, ତରଭା, ଆଗଲପୁର, ଲୋଇସିଂହା, ପାଟଣାଗଡ, ଖପ୍ରାଖୋଲ, ବଲାଙ୍ଗିର ସଦର ଏବଂ ପୁଇଁନ୍ତଲା ଶାଖାମାନେ ଉପସ୍ଥିତ ରହିଥିଲେ । ସଂଗଠନର ସଭାପତି ଶୋଭନ ଅଗ୍ରୱାଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଦସ୍ୟ ପ୍ରୀତିଶ କୁମାର ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ । ସଭାକୁ ସଫଳ କରିବାରେ ସୋମେଶ ମିଶ୍ର, ଆଶିଷ ଜେନା, ରାଜ ବାଲୁଙ୍କେଶ୍ୱର ନନ୍ଦ, ଶିବାନନ୍ଦ ସାହାଣୀ, ଯତୀନ୍ଦ୍ର ସାହୁ, କରନ ବେହେରା, ସାହିଲ ସିଂହ ଗଡତ୍ୟା, ଆୟୁଷ ସାହୁ, ଅବିନାଶ ସାହୁ, ସମୀର ମହାନନ୍ଦ, ଶିବ ମହାମଲ୍ଲିକ, ଦେବାଶିଷ ପାଣ୍ଡିଆ, ପ୍ରେମାଶିଷ ପାଣ୍ଡିଆ, ଦୀପକ ତ୍ରିପାଠୀ, ସସ୍ମିତା ଦାଶ, ସୁଷମା ବହିଦାର, ସୁପ୍ରମା ବହିଦାର, ପ୍ରବୀଣ ବହିଦାର, ପଦ୍ମାଳୟା ବାରିକ, ବିଷ୍ଣୁପ୍ରିୟା ପାଣି, ଶୁଭଶ୍ରୀ ପଟ୍ଟନାୟକ, ବୈଶାଳୀ ବହିଦାର, ସଂଜୟ ଅଗ୍ରୱାଲ, ସୁରଜ କୁମାର ପଟେଲ ଆଦି ସଦସ୍ୟମାନେ ସହଯୋଗ କରିଥିଲେ । ସଭା ଶେଷରେ ମାହେଶ୍ୱରୀ ପକ୍ଷରୁ ଆଗାମୀ ଦିନରେ ଅଧିକ ସଂଗଠିତ ଭାବେ ମୂଳସ୍ତରରୁ ସମାଜ ସେବା ଓ ସଚେତନତା ମୂଳକ କାର୍ଯ୍ୟକ୍ରମ ଜାରି ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା ।

## ଜିନ୍ଦଲ ଷ୍ଟିଲ ପକ୍ଷରୁ ତମାଖୁମୁକ୍ତ ସଚେତନତା ପକ୍ଷ ପାଳିତ

**ବଡ଼ବିଲ,୧୯।୧:(ମନ୍ଥନ)** ଜିନ୍ଦଲ ଷ୍ଟିଲ ପକ୍ଷରୁ ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ତମାଖୁମୁକ୍ତ ସଚେତନତା ପକ୍ଷ ଉଦଯାପିତ ହୋଇଯାଇଛି । ଜିନ୍ଦଲ ଷ୍ଟିଲର କାଶିଆ। ଓ ରୋଇଡ଼ା ମାଇନ୍ସ ପାରିପାର୍ଶ୍ୱିକ ଅଞ୍ଚଳକୁ ତମାଖୁମୁକ୍ତ କରିବା ପାଇଁ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ଏହି ଅବସରରେ ଜିନ୍ଦଲ ଷ୍ଟିଲ- ବିକେଟିଆର କ୍ଲଷ୍ଟର ହେଡ୍ ଶ୍ରୀ ପ୍ରମୋଦ କୁମାର ପାତ୍ର ଏକ ସଚେତନତା ରଥର ଶୁଭାରମ୍ଭ କରିଥିଲେ । ଏହି ସଚେତନତା ରଥ ସେରେଣ୍ଡା ଓ ଭଦ୍ରାସାହି ପଞ୍ଚାୟତ ଅଞ୍ଚଳରେ ପରିଭ୍ରମଣ କରିଥିଲା । ସିଏସଆର, ଏଚଆର ଓ ଆଡମିନ ବିଭାଗର ତତ୍ତ୍ୱାବଧାନରେ ଆୟୋଜିତ ଏହି ପକ୍ଷରେ ପାରିପାର୍ଶ୍ୱିକ ଗ୍ରାମାଞ୍ଚଳରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଚେତନତା ପକ୍ଷର ଉଦଯାପନୀ ଦିବସରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କ୍ଲଷ୍ଟର ହେଡ୍ ଶ୍ରୀ ପାତ୍ର ଏଥିରେ ଯୋଗ ଦେଇ ତମାଖୁ ସେବନର ଭୟାବହତା ସମ୍ପର୍କରେ କହିଥିଲେ । ତମାଖୁ ଜୀବନ ନେବା ସହ ପରିବାର ଉଜାଡୁଛି, ତେଣୁ ଏହାକୁ ବର୍ଜନ କରିବା ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ତମାଖୁ ନୁହେଁ; ଜୀବନ ବାଛିବାକୁ ସେ ସମସ୍ତଙ୍କୁ ବୁଝାଇଥିଲେ । ଉଦଯାପନୀ କାର୍ଯ୍ୟକ୍ରମରେ ବରିଷ୍ଠ ଅଧିକାରୀଙ୍କ ସମେତ ଶତାଧିକ କର୍ମଚାରୀ ଯୋଗଦେଇଥିଲେ ।

## ଭାଲୁମୁଣ୍ଡା ରେ ଆମ୍ବୁଲାନ୍ସ ସୁବିଧା ଆରମ୍ଭ କଲେ ପୂର୍ବତନ ଭାଲୁମୁଣ୍ଡା ସରପଞ୍ଚ

**ବଙ୍ଗୋମୁଣ୍ଡା,୧୯।୧:(ମନ୍ଥନ)**ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ଭାଲୁମୁଣ୍ଡା ସରକାରୀ ହସ୍ପିଟାଲ ପରିସର ରେ ଆଜି ଅଞ୍ଚଳ ର ରୋଗୀ ମାନଙ୍କ ପାଇଁ ଆମ୍ବୁଲାନ୍ସ ସୁବିଧା ଆରମ୍ଭ କଲେ ପୂର୍ବତନ ସରପଞ୍ଚ ଉପେନ୍ଦ୍ର ମେହେର ।ଦୁର୍ଘଟଣା ହେଉ କି ଜରୁରୀ କାମ ସମୟ ରେ ରୋଗୀ ଙ୍କୁ ମେଡ଼ିକାଲ ନେବା ପାଇଁ ବହୁତ ଅସୁବିଧା ହେଉଥିଲା ଯଭାଲୁମୁଣ୍ଡା ଦେଇ ୫୯ ନମ୍ବର ଜାତୀୟ ରାଜପଥ ଯାଇଛି ।ଏହି ରାଜପଥ ରେ ସବୁ ବେଳେ ବିଭିନ୍ନ ଘଟଣା ଦୁର୍ଘଟଣା ବୃଦ୍ଧି ପାଉଛି । ଠିକ ସମୟ ରେ ୧୦୮ ଆମ୍ବୁଲାନ୍ସ ପହଞ୍ଚି ନ ଥିବାରୁ ଲୋକେ ପ୍ରାଭେଟ ଗାଡି ରେ ନିଆଯାଉଛି ।ସେଥିପାଇଁ ଅଞ୍ଚଳ ର ରୋଗୀ ମାନଙ୍କ ତୁରନ୍ତ ସୁବିଧା ପାଇ ପୂର୍ବତନ ଭାଲୁମୁଣ୍ଡା ପଞ୍ଚାୟତ ସରପଞ୍ଚ ଉପେନ୍ଦ୍ର ମେହେର ଆମ୍ବୁଲାନ୍ସ ଲୋକ ଙ୍କ ପାଇଁ ସେବା ଯୋଗାଇ



ଦେଇଛନ୍ତି । ଏହି ଅଞ୍ଚଳ ର ରୋଗୀ ମାନେ ସୁବିଧା ପାଇ ପାରିବେ ବୋଲି ଶ୍ରୀ ମେହେର ଆଶା ରଖିଛନ୍ତି । ଏଥିରେ ଭାଲୁମୁଣ୍ଡା ଗାଁର ସମାଜସେବୀ ଯୋଗିନ୍ଦ୍ର ମିଶ୍ର, ଭାଲୁମୁଣ୍ଡା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ର ଡାକ୍ତର କଳିଆକାହୁ ଖୁଆସ,ଡାକ୍ତର ଅମୀର ମେହେର ,ଡାକ୍ତର ଇପ୍ସିତା ସାହୁ,ଡାକ୍ତର ବିଶ୍ୱମ୍ଭର ମେହେର,ଆୟୁର୍ବେଦିକ ଚିକିତ୍ସାଳ ।ର ଡାକ୍ତର ସ୍ମିତା ପରିମିତା କାଲସାଏ,ମହିଳା ସ୍ୱାସ୍ଥ୍ୟକର୍ମୀ ସ୍ୱର୍ଣ୍ଣଲତା ସାହୁ,ଫାର୍ମାସିଷ୍ଟ ଚମ୍ପେଶ୍ୱର ମେହେର,ବିଭିନ୍ନ ଗାଁ ର ଆଶାକର୍ମୀ ଓ ସ୍ୱାସ୍ଥ୍ୟ ବିଭାଗ ର ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।ଏହି ଭଳି ପଦକ୍ଷେପ କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି ।

## ବଲାଙ୍ଗିର ମହିଳା କାବ୍ୟ ମଞ୍ଚର ବନ୍ଧୁମିଳନ ଓ କବିତା ଆସର ଆଡମ୍ବରପୂର୍ଣ୍ଣ ଭାବେ ଅନୁଷ୍ଠିତ



**ବଲାଙ୍ଗିର,୧୯।୧:(ମନ୍ଥନ)** ବଲାଙ୍ଗିର ଜିଲ୍ଲାର ପଥରଚେପା ସ୍ଥିତ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ପଞ୍ଚବଟୀ ଉଦ୍ୟାନରେ ବଲାଙ୍ଗିର ମହିଳା କାବ୍ୟ ମଞ୍ଚର ଏକ ବନ୍ଧୁମିଳନ ସହ କବିତା ଆସର ବହୁ ଆଡମ୍ବର ଓ ଉତ୍ସାହର ସହିତ ସଫଳତାରେ ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟ, ସଂସ୍କୃତି ଓ ନାରୀ ସଶକ୍ତିକରଣର ଏକ ମଞ୍ଚ ଭାବେ ପରିଚିତ ଏହି କାବ୍ୟ ମଞ୍ଚର କାର୍ଯ୍ୟକ୍ରମ ଉପସ୍ଥିତ ସମସ୍ତଙ୍କ ମନରେ ଛାପ ଛାଡ଼ିଥିଲା । କାର୍ଯ୍ୟକ୍ରମଟି ମହିଳା କାବ୍ୟ ମଞ୍ଚର ସଭାପତି ଅହ୍ଲାଦିନୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ପୌରପରିଷଦର ଅଧକ୍ଷା ଶ୍ରୀମତୀ ଲିକା ସାହୁ ଯୋଗଦେଇ କାର୍ଯ୍ୟକ୍ରମର ଗୌରବ ବଢ଼ାଇଥିଲେ। ସମ୍ମାନିତ ଅତିଥି ଆସନରେ ସମାଜସେବୀ ତଥା କୃଷକ ନେତା ଅରୁଣ କୁମାର ମିଶ୍ର, ସମାଜସେବୀ ଓ ନାରୀ କବି ସୁଷମା ବେହେରା ଏବଂ ଅନୁଷ୍ଠାନର ସମ୍ପାଦିକା ତୃପ୍ତିମୟୀ ତ୍ରିପାଠୀ ଉପସ୍ଥିତ ଥିଲେ। ଆରମ୍ଭରେ କବିତା ମିଶ୍ର ଅତିଥିମାନଙ୍କ ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ମହିଳା କାବ୍ୟ ମଞ୍ଚର ସାହିତ୍ୟିକ ଯାତ୍ରା ବିଷୟରେ ଆଲୋକପାତ କରିଥିଲେ । ସମଗ୍ର କାର୍ଯ୍ୟକ୍ରମର ସୁସଂଯୋଜିତ ମଞ୍ଚ ସଞ୍ଚାଳନ କବି ଦିଲୀପ କୁମାର ମିଶ୍ର କରିଥିଲେ । ମୁଖ୍ୟ ଅତିଥି ଶ୍ରୀମତୀ ଲିକା ସାହୁ ନିଜ ଉଦବୋଧନରେ ନାରୀମାନଙ୍କ ଏପରି ସାହିତ୍ୟିକ ଏକତାକୁ ଭୂୟସୀ ପ୍ରଶଂସା କରିଥିଲେ । ସେ କହିଥିଲେ ଯେ, ମହିଳାମାନେ ଯେତେବେଳେ ଏକତ୍ରିତ ହୋଇ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଆଗେଇ ନେବାକୁ ପ୍ରୟାସ କରନ୍ତି, ସେଥିରୁ ସମାଜର ସାମଗ୍ରିକ ବିକାଶ ସମ୍ଭବ ହୁଏ। ଏପରି କାର୍ଯ୍ୟକ୍ରମ ଓଡ଼ିଆ। ଭାଷା ଓ ସାହିତ୍ୟର ସଂରକ୍ଷଣ ସହ ଆଗାମୀ ପିଢ଼ିକୁ ପ୍ରେରଣା ଦେବ ବୋଲି ସେ ମତ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଶ୍ରୀଯୁକ୍ତ ଅରୁଣ କୁମାର ମିଶ୍ର ଓ ଶ୍ରୀମତୀ ସୁଷମା ବେହେରା ମଧ୍ୟ ନାରୀମାନଙ୍କ ଏହି ସାହିତ୍ୟିକ ଏକତା ଓ ସୃଜନାତ୍ମକ ପ୍ରୟାସକୁ ପ୍ରଶଂସା କରି ଏପରି କାର୍ଯ୍ୟକ୍ରମ ନିରନ୍ତର ହେବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ପ୍ରଭାସିନୀ ଭୋଇ, ପୁଷ୍ପାଞ୍ଜଳୀ ମେହେର, ସୁଜାତା ନାଏକ, ଶାଳିନୀ ସା, ସୁଷମା ଦାସ, ନିରୂପମା ମିଶ୍ର, ସୁଦେଷ୍ଣା ମିଶ୍ର, ଜ୍ୟୋତି ରାଣୀ ମିଶ୍ର, ପୂର୍ଣ୍ଣିମା ପଣ୍ଡା, ସରସ୍ୱତୀ ମିଶ୍ର, ଶ୍ରଦ୍ଧାଞ୍ଜଳୀ ତ୍ରିପାଠୀ, ଶୁଭଶ୍ରୀ ଭୋଇ, ହିରବତୀ ସାହୁ ଓ ବିଷ୍ଣୁପ୍ରିୟା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ । ଏହି ଅବସରରେ ମହିଳା କାବ୍ୟ ମଞ୍ଚ ପକ୍ଷରୁ ମୁଖ୍ୟ ଅତିଥି ଶ୍ରୀମତୀ ଲିକା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଯାହାକୁ ସଭ୍ୟାମାନେ ଗର୍ବର ସହ ଗ୍ରହଣ କରିଥିଲେ । ପରେ କବିତା ପାଠ, ନାଚ ଓ ଗୀତ ପରିବେଶଣ ସହ ଦିନଟି ଅତ୍ୟନ୍ତ ଉତ୍ସାହ ଓ ଆନନ୍ଦରେ କଟିଥିଲା । ଶେଷରେ ରାଜୀବ ଭୋଇ ସମସ୍ତ ଅତିଥି, କବି, କବୟିତ୍ରୀ ଓ ସହଯୋଗୀମାନଙ୍କୁ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମର ସମାପନ କରିଥିଲେ।

## ୧୯୯୨ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ

**ଡେଲାଙ୍ଗ,୧୯।୧:(ମନ୍ଥନ)**ସରକାରୀ ବେରବୋଇ ଉଚ୍ଚ ବିଦ୍ୟାଳୟର ୧୯୯୨ ମସିହାରେ ଅଧ୍ୟୟନରତ ମାଟ୍ରିକ ବ୍ୟାଚର ଛାତ୍ରଛାତ୍ରୀମାନଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ଦିନ ପରେ ସମସ୍ତେ ସାଥୀ ଏକାଠି ହେବା ପରେ ସେଦିନର ପାଠର ସ୍ମୃତିକୁ ମନେପକାଇ ଭାବର ଆଦାନପ୍ରଦାନ ହୋଇଥିଲା । ଏହି ବ୍ୟାଚର ସାଥିମାନେ ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣ ସହ ବିପଦରେ ପଡ଼ିଥିବା ଅସହାୟ ବନ୍ଧୁ ମାନଙ୍କୁ ସହଯୋଗ କରିବା ପାଇଁ ଏକ କମିଟି ଗଠନ କରିଛନ୍ତି । ପ୍ରାକ୍ତନ ଛାତ୍ର ସୁରେଶ ମନ୍ତ୍ରୀ ଓ ନବକିଶୋର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବେରବୋଇ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ତଥା ସଂସ୍କୃତିପ୍ରେମୀ ଶିକ୍ଷକ ଅଭୟ ଚରଣ ସାହୁ ଓ ଜିତେନ୍ଦ୍ର ପ୍ରଧାନ ସଂଯୋଜନା କରିଥିଲେ । ଏଥିରେ ବେରବୋଇ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ବର୍ତ୍ତମାନର ପୋଲିସ ଡିଏସପି ସଞ୍ଜୟ ପଟ୍ଟନାୟକ, ବିଶାଖାପାଟଣା କାନାଡା ବ୍ୟାଙ୍କ୍ ର ବରିଷ୍ଠ ପ୍ରବନ୍ଧକ ଅଶୋକ ବାରିକ୍,ରେଲବାଇ କର୍ମଚାରୀ ଗୋପାଳକୃଷ୍ଣ ସେଠୀ, ଶିକ୍ଷକ ଚକ୍ରଧର ମହାପାତ୍ର, ସାମ୍ବାଦିକ ଅନନ୍ତ ସିଂ, ପ୍ରଦୀପ୍ତ ପଣ୍ଡା, ପବିତ୍ର ସାହୁ,ସତ୍ୟ ସାହୁ, ସୁରେନ୍ଦ୍ର ମିଶ୍ର ଓ ଅନ୍ୟମାନେ ଯୋଗ ଦେଇ ସମାଜସେବା ,ଗୁରୁ ଗୁରୁଜନଙ୍କ ସେବା ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ, ଅସହାୟକୁ ସହାୟ ପାଇଁ ସମସ୍ତେ କିଛି ସମୟ ଦେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ସଭାରେ ସ୍ୱର୍ଗତ ଗୁରୁ ମାନଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।ବିଦ୍ୟାଳୟ ଜୀବନର ଅଙ୍ଗେ ନିଭା ଅନୁଭୂତିକୁ ସମସ୍ତେ ଆବେଗ ଭରା କଣ୍ଠରେ ବର୍ଣ୍ଣନା କରି ପ୍ରକୃତ ବନ୍ଧୁତା ହିଁ ମନରୁ ଦୁଃଖ,ଶୋକ, ରୋଗ, ଦାରିଦ୍ର୍ୟ ଦୂର କରି ବାସ୍ତବ ଶାନ୍ତି ଦେଇଥାଏ ବୋଲି ସାର୍ବଜନୀନ ମତ ଦେଇଥିଲେ । ମାନସ ଦାଶ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## କୁଣ୍ଡାମାଲ ଠାରେ ଓବିସି ମଞ୍ଚର 'ଗାଁକୁ ଚାଲ' ଅଭିଯାନ

**ବଲାଙ୍ଗିର,୧୯।୧:(ମନ୍ଥନ)** ପୁଇନ୍ତଲା ବ୍ଲକ୍ ଅନ୍ତର୍ଗତ କୁଣ୍ଡାମାଲ ସାପ୍ତାହିକ ବଜାର ପ୍ରଗତି କୃଷକ ଉତ୍ପାଦକ କମ୍ପାନୀ କାର୍ଯ୍ୟାଳୟରେ ଜିଲ୍ଲା ଓବିସି ମଞ୍ଚ ବଲାଙ୍ଗିର ପକ୍ଷରୁ 'ଗାଁକୁ ଚାଲ' ଅଭିଯାନ ଆୟୋଜିତ ହୋଇଯାଇଛି। ଓବିସି ମଞ୍ଚର ରାଜ୍ୟ ସଭାପତି ଶଙ୍କର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ସଂଯୋଜନା ଦାୟିତ୍ୱରେ ଥିଲେ ଜିଲ୍ଲା ଓବିସି ମଞ୍ଚର ସଂଯୋଜକ ସରୋଜ କୁମାର ମେଶ୍ରାମ।ଏହି ଅବସରରେ ରାଜ୍ୟ କୋଷାଧକ୍ଷ ପ୍ରଦେଶୀ ବିଶ୍ୱାଳ, ଜିଲ୍ଲା କୋଷାଧକ୍ଷ ମଧୁସୂଦନ କ୍ଷେତୀ, ସୁରଥ ପଟେଲ୍, ଓକିଲ ଉମାକାନ୍ତ ସାହୁ ଏବଂ ଉତ୍ତମ ଖମାରୀ ପ୍ରମୁଖ ଉପସ୍ଥିତ ରହି ଓବିସି ସମ୍ପ୍ରଦାୟର ହକ୍ ଏବଂ ଅଧିକାର ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ଗ୍ରାମାଞ୍ଚଳରେ ଓବିସି ସମ୍ପ୍ରଦାୟର ସଚେତନତା ବୃଦ୍ଧି କରିବା ଏବଂ ସେମାନଙ୍କର ଅଧିକାର ସୁରକ୍ଷା ନିଶ୍ଚିତ କରିବା । ପୁଇନ୍ତଲା ବ୍ଲକ୍ର ବିଭିନ୍ନ ଗ୍ରାମ ପଞ୍ଚାୟତର କମିଟି ସଦସ୍ୟ ଓ ସଦସ୍ୟାମାନେ ଏଥିରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳ ବିକାଶ ଏବଂ ଓବିସି ସମାଜର ଉନ୍ନୟନ ଉପରେ ଗରୁତ୍ୱ ଦିଆଯାଇଥିଲା ଏହି ଅଭିଯାନ ଆଗାମୀ ଦିନରେ ଅଧିକ ଗ୍ରାମରେ ବ୍ୟାପିବାକୁ ଯୋଜନା ରହିଛି ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି।

## ପଲ୍ଲିଶ୍ରୀମେଳାର ଶ୍ରେଷ୍ଠ ପ୍ରଡ୍ୟୁସର ଗ୍ରୁପକୁ ସମ୍ବର୍ଦ୍ଧନା

**କେନ୍ଦ୍ରାପଡ଼ା,୧୯।୧:(ମନ୍ଥନ)**ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ କେନ୍ଦ୍ରାପଡା କଲେଜ ପଡିଆରେ ଚାଲିଥିବା ଜିଲ୍ଲା ସଂସ୍କୃତି ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଶ୍ରେଷ୍ଠ ପ୍ରଡ୍ୟୁସର ଗ୍ରୁପ ଗୁଡିକୁ ଜିଲ୍ଲା ପ୍ରତିଭା ପୂଜା ସଂସଦ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଶେଷ ଦିବସରେ ମେଳାର ଶ୍ରେଷ୍ଠ ବିକ୍ରେତା ଭାବେ ନୟାଗଡର ବୁଢୀ ମା' ପ୍ରଡ୍ୟୁସର ଗ୍ରୁପ, ସର୍ବାଧିକ ବିକ୍ରେତା ସୋନପୁରର ଜୟ ହନୁମାନ ପ୍ରଡ୍ୟୁସର ଗ୍ରୁପ ଓ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ସୋନପୁରର ଓମ୍‌ଶାନ୍ତି ସ୍ୱୟଂ ସହାୟିକା ଗୋଷ୍ଠିକୁ ମୋମେଣ୍ଟୋ ଓ ପୁଷ୍ପଗୁଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ସଂସଦର ସଭାପତି ପ୍ରଦୀପ କୁମାର ମହାନ୍ତି ଯୋଗଦେଇ ଶ୍ରେଷ୍ଠ ପ୍ରଡ୍ୟୁସର ଗ୍ରୁପ ଓ ସ୍ୱୟଂ ସହାୟିକା ଗୋଷ୍ଠୀକୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂସଦର ସମ୍ପାଦକ ସୁଶିଲ କୁମାର ସାମଲ, ସଭ୍ୟ ରବିନାରାୟଣ ମହାନ୍ତି, ଚିତ୍ତରଞ୍ଜନ ଦାସ, କମଳାକାନ୍ତ ବେହେରା, ଗୋଲଖ ପଢିଆରୀ, ଓରମାସର ଡେପୁଟୀ ସିଇଓ ନିରୋଦ କୁମାର ଜେନା ଓ ପ୍ରିୟଙ୍କା ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

## ଚୈତ୍ର ପୂର୍ଣ୍ଣିମାରେ ବନଦୁର୍ଗା ମହୋତ୍ସବ ପାଇଁ ପ୍ରସ୍ତୁତି

**ବଲାଙ୍ଗିର,୧୯।୧:(ମନ୍ଥନ)**ଲୋଇସିଂହା ବ୍ଲକ ଅନ୍ତର୍ଗତ, ବଲାଙ୍ଗିର ସହରଠୁ ୨୨ କିମି ଦୂରରେ ଅବସ୍ଥିତ ଲୋୟର ସୁକତେଲ ଡ୍ୟାମ ପାଶ୍ୱରେ ଅବସ୍ଥିତ ମାଁ ବନଦୁର୍ଗା ମନ୍ଦିର । ଚଳିତ ବର୍ଷ ଆସନ୍ତା ଚୈତ୍ର ପୂର୍ଣ୍ଣମୀ ଲଗ୍ନ ତା ୦୧ ଅପ୍ରେଲ ୨୬ ରୁ ୦୫ ଅପ୍ରେଲ ୨୬ ପର୍ଯ୍ୟନ୍ତ ୫ ଦିନ ଧରି ବନଦୁର୍ଗା ମହୋତ୍ସବ ଆୟୋଜନ କରିବା ପାଇଁ ଆଜି ପ୍ରସ୍ତୁତି ବୈଠକ



ଅନୁଷ୍ଠିତ ହୋଇଯାଇଛି । ମାଗୁରବେଡା ତଥା ବନଦୁର୍ଗା ମହୋତ୍ସବ କମିଟି ସଭାପତି ସଂଜୟ ଗଡତ୍ୟାଙ୍କ ଅଧ୍ୟକ୍ଷତାରେ ଆଖ ପାଖର ୧୦ ଜଣ ସରପଂଚ ଏବଂ ପ୍ରତିନିଧି ଯୋଗ ଦେଇଥିଲେ। ଏହି ମହୋତ୍ସବରେ ଲୋୟର ସୁକତେଲ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା କଳା କଳାକାର, ପ୍ରକୃତି, ସଂସ୍କୃତି, ଜିବନ ଜିବିକା ର ପୁର୍ନଉଦ୍ଧାର ନିମନ୍ତେ ଏହା ଏକ ମିଳିତ ଉଦ୍ୟମ ହେବ । ଲୋୟର ସୁକତେଲ ଡ୍ୟାମ ଆଖ ପାଖ ଅଞ୍ଚଳ କୁ ଏକ ତୀର୍ଥ କ୍ଷେତ୍ର କରିବା ଯଦ୍ୱାରା ଅଧିକ ପର୍ଯ୍ୟଟକ ଙ୍କୁ ଆକୃଷ୍ଟ କରିବା ପାଇଁ ଆଲୋଚନା ହୋଇଥିଲା । ସର୍ବସମ୍ମତି କ୍ରମେ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଙ୍କୁ ମୁଖ୍ୟ ଅତିଥି ଭାବେ ଯୋଗ ଦେବା ପାଇଁ ସମସ୍ତେ ପ୍ରସ୍ତାବ ରଖିଥିଲେ, ଏହି କମିଟି କୁ ଟ୍ରଷ୍ଟ ରେଜିଷ୍ଟିଭୁକ୍ତ କରିବା । ଏହି ବର୍ଷ ବନଦୁର୍ଗା ମାଁ ଙ୍କ ପୂଜା ସଙ୍ଗେ ସଙ୍ଗେ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ପାଇଁ ପ୍ରସ୍ତାବ ଗୃହିତ ହେଲା । ଆଜିର ବୈଠକରେ ବିକାଶ ରଂଜନ ରଥ, କୈଳାସ ଚନ୍ଦ୍ର ସିଂଦେଓ, ନରେନ୍ଦ୍ର ବିଶି, ହିମାଂଚଳ ମେହେର, ସୋମନାଥ ପଟେଲ, କୌସ୍ତୁଭ ସାହୁ, ଟୁନା ସାହୁ, ଭରତ ସାହୁ, ରାହାସ ବିହାରୀ ବିଶ୍ୱାଳ, ଗଣନାଥ ଭୋଇ, ଅଜୟ ଗଡତ୍ୟା, ଶାନ୍ତନୁ କୁମାର ସିଂ, ଚତୁର୍ଭୁଜ ସାହୁ, ରିଙ୍କୁ ଭୋଇ, ଆରତ ସାହୁ, ଧନଞ୍ଜୟ ବିଶ୍ୱାଳ, ଓମ୍କାର ପ୍ରଧାନ, ଲମ୍ବୋଦର ପ୍ରଧାନ, ମଦନ ସାହୁ, ସଦାନନ୍ଦ ମହଲା, ବ୍ୟାସଦେବ ବନଛୋର, ରଂଜିତ ତେଜି, ଦଶରଥ ପଟେଲ, ପିତାମ୍ବର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ସଂପାଦକ ଜୟକୃଷ୍ଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ସଙ୍ଘ ଶତାବ୍ଦୀ ବର୍ଷ ଉତ୍ସବ ଅବସରରେ ବିଶାଳ ହିନ୍ଦୁ ସମ୍ମିଳନୀ ଆୟୋଜିତ

**ଡୁମୁଡୁମା,୧୯।୧:(ମନ୍ଥନ)**ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଗୌରବମୟ ଶତାବ୍ଦୀ ବର୍ଷ ଉତ୍ସବ ଅବସରରେ ସାରା ଦେଶରେ ଆୟୋଜିତ ହେଉଥିବା ହିନ୍ଦୁ ସମ୍ମିଳନୀ ଶୃଙ୍ଖଳାରେ ଆଜି ଡୁମୁଡୁମା ନଗରରେ ଏକ ବିଶାଳ ହିନ୍ଦୁ ସମ୍ମିଳନୀ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀ ସମଗ୍ର ହିନ୍ଦୁ ସମାଜର ସକ୍ରିୟ ସହଯୋଗ, ସହଭାଗିତା ଓ ଏକାତ୍ମତାରେ ଆୟୋଜିତ ହୋଇଥିଲା । ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ରାଷ୍ଟ୍ରଭକ୍ତ ସଂଗଠନର ପ୍ରତିନିଧିମାନେ ଏହି ସମ୍ମିଳନୀରେ ଯୋଗଦେଇ ହିନ୍ଦୁ ସମାଜର ଏକତା, ସନାତନ ସଂସ୍କୃତିର ସୁରକ୍ଷା ଓ ରାଷ୍ଟ୍ରନିର୍ମାଣରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଭୂମିକା ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରୁ ୧୦୮ କୁଣ୍ଡୀୟ ବୈଦିକ ଅଗ୍ନିହୋତ୍ରର ମନ୍ତ୍ର ଉଚ୍ଚାରଣରେ ସାରା ପରିବେଶ ଯଜ୍ଞମୟ ହୋଇଯାଇଥିଲା । ବୈଦିକ ମନ୍ତ୍ରଧ୍ୱନିରେ ବାତାବରଣଟି ଅଭିମନ୍ତ୍ରିତ ହୋଇ ଯାଇଥିଲା । ପତଞ୍ଜଳି ଯୋଗ ସମିତି ଓ ଭୁବନେଶ୍ୱର ଆର୍ଯ୍ୟ ସମାଜର ଏ ଅନନ୍ୟ ପ୍ରୟାସରେ ସାରା ପରିବେଶଟି ମନ୍ତ୍ରମୟ ହୋଇ ଉଠିଥିଲା । ଏହା ପରେ ଗୋଭକ୍ତ ମାନେ ଗୋମାତାଙ୍କ ପୂଜନ କରିଥିଲେ । ଭାରତରେ ଗୋହତ୍ୟା ବନ୍ଦ ହେବା ପାଇଁ ଈଶ୍ୱରଙ୍କ ନିକଟରେ ସାମୂହିକ ପ୍ରାର୍ଥନା କରିଥିଲେ । ଗୋମାତାଙ୍କୁ ପୂଜା ଅର୍ଚ୍ଚନା ସହ ଖାଦ୍ୟ ପରିବେଷଣ କରିଥିଲେ । ଏହା ପରେ ଭାଗବତ ପାଠ ସହ ସାମୂହିକ ହନୁମାନ ଚାଳିଶା ପାଠ କରାଯାଇଥିଲା । ସାରା ପଡ଼ିଆଟି ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା। ଚାଳିଶା ପାଠ ପରେ ଭାରତୀୟ ସେନାବାହିନୀରୁ ସେବାନିବୃତ୍ତ ପୂର୍ବ ସୈନିକମାନଙ୍କୁ ମଞ୍ଚରେ ସମ୍ମାନୀତ କରାଯାଇଥିଲା । ଭେଟେରାନ୍ ବିଦ୍ୟାଧର ନାୟକ ନିଜର ମତ ରଖି ଆମେ ସମସ୍ତେ ଭିନ୍ନ ଭିନ୍ନ ବୃତ୍ତିରୁ ଆସିଥିଲେ ମଧ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଗୋଟିଏ ଭାରତ ମାତାର ସନ୍ତାନ ବୋଲି ବିଚାର କରିବା ଆବଶ୍ୟକ ବୋଲି କହିଥିଲେ । ଭାରତ ସନାତନ ସଂସ୍କୃତିର ଦେଶ ଓ ହିନ୍ଦୁ ମାନଙ୍କର ଦେଶ ବୋଲି ସେ କହିଥିଲେ । ସାରା ବିଶ୍ୱରେ ହିନ୍ଦୁ ଧର୍ମର ଦେଶ କହିଲେ ଭାରତକୁ ବୁଝାଯାଏ କିନ୍ତୁ ଭାରତର ଲୋକଙ୍କୁ ଏକଥା ବୁଝାଇବା ପାଇଁ ବାରମ୍ବାର କହିବାକୁ ହୁଏ କହି ସେ ନିଜର କ୍ଷୋଭ ପ୍ରକଟ କରିଥିଲେ । ରାଷ୍ଟ୍ରୀୟ ହିନ୍ଦୁ ସଙ୍ଗଠନ ପକ୍ଷରୁ କେନ୍ଦ୍ରୀୟ ପ୍ରକୋଷ୍ଠ ଉପାଧକ୍ଷ ଜେନେରାଲ ଦୀନବନ୍ଧୁ ଷଡ଼ଙ୍ଗୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଏ ହିନ୍ଦୁ ସମ୍ମିଳନୀ କାର୍ଯ୍ୟକ୍ରମ ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ । ଭାରତ ସ୍ୱାଭାବିକ ଭାବରେ ହିନ୍ଦୁ ରାଷ୍ଟ୍ର ହୋଇଥିଲା ବେଳେ ସମ୍ବିଧାନରେ ଏହା ସିକୁଲାର୍ ଦେଶ ବୋଲି ଏକ ବିଚିତ୍ର ଶବ୍ଦ ଯୋଡ଼ି ଭାରତକୁ ଅନ୍ତର୍ରାଷ୍ଟ୍ରୀୟ ମଞ୍ଚରେ ଦୁର୍ବଳ କରାଯାଇଛି ବୋଲି ସେ ଅଭିଯୋଗ କରିଥିଲେ । ହିନ୍ଦୁମାନଙ୍କୁ ଏକ ହୋଇ ଏ ସିକୁଲାର୍ ଶବ୍ଦକୁ ହଟାଇବା ପାଇଁ ସେ ଆହ୍ୱାନ ଦେଇଥିଲେ ।

## ତରାପୁରରେ ବିଶାଳ ହିନ୍ଦୁ ସମ୍ମିଳନୀ

**କେନ୍ଦ୍ରାପଡ଼ା,୧୯।୧:(ମନ୍ଥନ)**ସନାତନ ଧର୍ମ ସୃଷ୍ଟିର ସର୍ବ ପୁରାତନ ତଥା ଏକମାତ୍ର ଧର୍ମ। ସନାତନ ସଂସ୍କୃତି ବସୁଧୈବ କୁଟୁମ୍ବକଂର ବାର୍ତ୍ତା ଦେଇଥାଏ। ସମଗ୍ର ବିଶ୍ୱର ମଙ୍ଗଳ କାମନା ତଥା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଅନାଦି କାଳରୁ ଏହି ଧର୍ମ ଚେଷ୍ଟା କରି ଆସିଛି ଓ ଦେଶ ମାତୃକାକୁ ନିଜର ମାଆ ବୋଲି ସମ୍ବୋଧନ କରି ଆସିଛି । ହିନ୍ଦୁ ସଂସ୍କୃତି କେବଳ ଦେବୀ ବା ଦେବତା ନୁହେଁ, ମାନବ, ବୃକ୍ଷଲତା ଏପରିକି ଜଡ଼ ବସ୍ତୁରେ ମଧ ଭଗବତ ସତ୍ତାର ଅନୁଭବ କରିଥାଏ। ତେଣୁ ଏହି ମହାନ ସଂସ୍କୃତିକୁ ବଜାୟ ରଖି ସୁରକ୍ଷା ପ୍ରଦାନ



କରିବାକୁ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ। ଏଥିସହିତ ସୁସଂଗଠିତ ହୋଇ ଭାରତ ଗୌରବର ବିଜୟ ବାନାକୁ ସମଗ୍ର ବିଶ୍ୱରେ ଉଡାଇବା ଉଚିତ ବୋଲି ତରାପୁରଗ୍ରାମର ମା'ଶାରଳାଙ୍କ ମନ୍ଦିର ସମ୍ମୁଖରେ ଅନୁଷ୍ଠିତ ବିଶାଳ ହିନ୍ଦୁ ସମ୍ମିଳନୀରେ ଯୋଗଦେଇ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। କେନ୍ଦ୍ରାପଡ଼ା ବ୍ଲକ ଅଧିନ ଜମଧର ମଣ୍ଡଳର ଜମଧର, ଭାଗବତପୁର ଓ ଚକ୍ରୋଡା ଗ୍ରାମପଞ୍ଚାୟତର ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ସ୍ଥାନୀୟ ତରାପୁରସ୍ଥିତ ମା'ଶାରଳାଙ୍କ ମନ୍ଦିର ସମ୍ମୁଖ ପଡିଆରେ ସଂଯୋଜକ ଡେରାବିଶ ଖଣ୍ଡର ସଙ୍ଘଚାଳକ ଅବସରପ୍ରାପ୍ତ ଏସପି ନାରାୟଣ ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ବିଶାଳ ହିନ୍ଦୁ ସମ୍ମିଳନୀରେ ଅତିଥି ରୂପେ ପଞ୍ଚାମୁଣ୍ଡାଇ ରାଧାରମଣ ମଠର ମହନ୍ତ ଅସୀମାନନ୍ଦ ସରସ୍ୱତୀ, ଦୈନିକ ଶ୍ରୁତିର ସମ୍ପାଦକ ସର୍ବେଶ୍ୱର ମିଶ୍ର, ଅବସରପ୍ରାପ୍ତ ସର୍ବୋଚ୍ଚ ଯନ୍ତ୍ରୀ ଇଂ ବିଶ୍ୱରଞ୍ଜନ ମିଶ୍ର ଓ ଗ୍ରାମବିକାଶ ଜିଲ୍ଲା ସଂଯୋଜକ ଜଗବନ୍ଧୁ ପ୍ରଧାନ ପ୍ରମୁଖ ଯୋଗଦେଇ ଭାରତୀୟ ହିନ୍ଦୁ ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ଏକ ସୁସ୍ଥ ହିନ୍ଦୁ ସମାଜ ଗଠନରେ ସାମାଜିକ ସରସତା ସ୍ଥାପନ ପାଇଁ ପ୍ରତ୍ୟେକ ହିନ୍ଦୁମାନଙ୍କ ମଧ୍ୟରେ ଥିବା ଉଚ୍ଚନୀଚ ଭେଦଭାବକୁ ଦୂର କରିବାକୁ ପଡିବ ବୋଲି କହିଥିଲେ। ଏହାସହିତ ଦେଶକୁ ଏକ ପରମ ବୈଭବଶାଳୀ ରାଷ୍ଟ୍ର ଭାବେ ଗଠନ କରି ପ୍ରତ୍ୟେକ ହିନ୍ଦୁମାନଙ୍କୁ ସଂଗଠିତ କରିବାର ଆବଶ୍ୟକତା ତଥା ହିନ୍ଦୁତ୍ୱ ଓ ସନାତନ ଧର୍ମ ଏବଂ ସଂସ୍କୃତିର ସୁରକ୍ଷା ପ୍ରତି ଆସୁଥିବା ଆହ୍ୱାନକୁ ସାମନା କରିବାକୁ ସମସ୍ତେ ଏକାଠି ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗିତାଞ୍ଜଳୀ ସେଠୀ, ଉପୀନ କୁମାର ରାଉତ, ଡ. ନାରାୟଣ ପତି ପ୍ରମୁଖ ଉପସ୍ଥିତ ଥିଲେ। ଗଣେଶ୍ୱର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଫେସର ଡ. ମୁରଲୀଧର ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବାବାଜି ଚରଣ ବେହେରା, ସଞ୍ଜୟ ମଲ୍ଲିକ, ସୁମନ୍ତ କୁମାର ବାରିକ, ବିଜୟ ନାୟକ, ଅନନ୍ତ ଚରଣ ମହାରଣା, ଶରତ ସେଠୀ, ତପନ ମହାନ୍ତି, ବସନ୍ତ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ମଙ୍ଗଳବାର, ୨୦ଜାନୁଆରୀ ,୨୦୨୬ ଭୁବନେଶ୍ୱର
TUESDAY, 20 JANUARY, 2026, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ମାଳଦ୍ୱୀପ ଭଳି ଭାରତ ମଧ୍ୟ ତମାଖୁ ମୁକ୍ତ ଦେଶ ହେବ କେବେ ?

### ଗୋପାଳ ମହାପାତ୍ର

ମାଳଦ୍ୱୀପର ସରକାର ଲୋକଙ୍କୁ ସୁସ୍ଥ ଓ ନୀରୋଗ ରଖିବା ପାଇଁ ଏକ ବଡ଼ ପଦକ୍ଷେପ ନେଇଛନ୍ତି, ଏହା ହେଉଛି ମାଳଦ୍ୱୀପକୁ ଧୂମପାନ ମୁକ୍ତ କରିବା। ମାଳଦ୍ୱୀପ ସରକାର "ଜେନେରସନାଲ ସ୍ମୋକିଙ୍ଗ ବ୍ୟାନ" ନାମକ ଏକ କଠୋର ଆଇନ ପ୍ରଣୟନ କରିଛନ୍ତି। ଆଇନ୍ ଅନୁସାରେ ୨୦୦୭ ପରେ ମାଳଦ୍ୱୀପରେ ଜନ୍ମଗ୍ରହଣ କରିଥିବା ଲୋକ ଏବେ କିମ୍ବା ଭବିଷ୍ୟତରେ ମଧ୍ୟ ଧୂମପାନ କରିପାରିବେ ନାହିଁ। ଯଦି କେହି ଭୂଲବଶତଃ ବି ଧୂମପାନ କରେ ତେବେ ତାକୁ ଭାରିମାତ୍ରାରେ ଜୋରିମାନା ଦେବାକୁ ପଡିବ। ଆଇନ୍ ଲାଗୁହେବା ପରେ ଏବେ ତମାଖୁ, ଖଇନି, ଗୁଟଖା, ବିଡି-ସିଗାରେଟ, ଚରସ-ଗଞ୍ଜେଇ, ଅଫିମ ବା ଇ-ସିଗାରେଟ କିଣିବା ଓ ବିକ୍ରୀ କରିବା ଅପରାଧ ଶ୍ରେଣୀ ଭୁକ୍ତ ହୋଇଯାଇଛି। ଲୁଚା ଛପାରେ କୌଣସି ଦୋକାନୀ ଯଦି ତମାଖୁ ବା ବିଡି ସିଗାରେଟ ବିକୁଥିବା ଜଣାପଡ଼େ ତେବେ ସଂପୃକ୍ତ ଦୋକାନୀକୁ ୫୦ହଜାର ମାଳଦ୍ୱୀପ ରୁଫିଆ ବା ଭାରତୀୟ ମୁଦ୍ରାରେ ୨ଲକ୍ଷ ୮୮ ହଜାର ଟଙ୍କା ଜୋରିମାନା ଦେବାକୁ ପଡିବ। ସେହିପରି ସିଗାରେଟ ଟାଣୁଥିବା ବା ସ୍ମୋକିଙ୍ଗ କରୁଥିବା ବେଳେ ଧରାପଡିଲେ ୫ହଜାର ମାଳଦ୍ୱୀପ ମୁଦ୍ରା ବା ୨୯ହଜାର ଟଙ୍କା ଜୋରିମାନା ଦେବାକୁ ପଡିବ। କ୍ରମାଗତଭାବେ ଦୁଇଥର ସିଗାରେଟ ଟାଣୁଥିବା ବେଳେ ଧରାପଡିଲେ ସାରାଜୀବନ ପାଇଁ ସଂପୃକ୍ତ ବ୍ୟକ୍ତିଙ୍କୁ ଡ୍ରାଇଭିଙ୍ଗ ଲାଇସେନ୍ସ ମିଳିବ ନାହିଁ ବୋଲି "ଜେନେରେସନାଲ ସ୍ମୋକିଙ୍ଗ ବ୍ୟାନ" ଆଇନରେ ପ୍ରାବଧାନ ରହିଛି। ଏପରିକି ଅନ୍ୟ ଦେଶରୁ ମାଳଦ୍ୱୀପ ଯାଉଥିବା ଲୋକଙ୍କ ପାଇଁ ମଧ୍ୟ ଏହି ଆଇନ୍ ଲାଗୁହେବ।

ମାଳଦ୍ୱୀପ ସଂସଦରେ ସରକାରୀ ଦଳ ଓ ବିରୋଧି ଦଳ ଏହି ଆଇନକୁ ସମର୍ଥନ କରିଥିଲେ ଫଳରେ ଏହା ସଂସଦରେ ଗୃହୀତ ହୋଇ ଆଇନ୍‌ରେ ପରିଣତ ହୋଇଛି। ଏହି ଆଇନ୍ ଲାଗୁ ହେବା ପରେ ମାଳଦ୍ୱୀପର ଲୋକେ ଏହାକୁ ସ୍ୱାଗତ କରି ଉତ୍ସବ ପାଳନ କରିଥିଲେ। କଥା ହେଉଛି ଧୂମପାନ ଏମିତି ଏକ ଆଧୁନୀକ ବେମାରୀ ରପରେ ଦେଖାଦେଇଛି ଯାହା ସର୍ବତ୍ର ବ୍ୟାପି ଯାଇଛି। ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଧୂମପାନ ବିରୋଧରେ ମାଳଦ୍ୱୀପ ସରକାର ଯେଭଳି ପଦକ୍ଷେପ ଗ୍ରହଣ କଲେ ସେଭଳି ପଦକ୍ଷେପ ଭାରତ ସରକାର ଉଠାଉ ନାହାଁନ୍ତି କାହିଁକି ? କ'ଣ ଅସୁବିଧା ରହିଛି ଏଭଳି ପଦକ୍ଷେପ ପାଇଁ ? ବିଶ୍ୱସ୍ୱାସ୍ଥ୍ୟ ସଂଗଠନ (ଡ଼ବ୍ଲ୍ୟୁଏଚ୍‌ଓ) ର ତଥ୍ୟ ଅନୁସାରେ ଭାରତରେ ନିଶାରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ ଭାରତର କିଛି ରାଜ୍ୟରେ ଅଧିକ ସଂଖ୍ୟାକ ଯୁବବର୍ଗ ନିଶାର ଶୀକାର। ନିଶା ଯୋଗୁଁ ଘର ପରିବାର ନଷ୍ଟ ହୋଇଯାଉଛି। ନିଶାଖୋର ଲୋକଙ୍କୁ ସବୁବେଳେ ସବୁସ୍ଥାନରେ ଉପହାସର ପାତ୍ର ହେବାକୁ ପଡୁଛି। କିନ୍ତୁ ନିଶାଖୋରଙ୍କ ସଂଖ୍ୟା ବଢିବାରେ ଲାଗିଛି। ତମାଖୁ, ବିଡି, ସିଗାରେଟ ଭଳି ନିଶାଦ୍ରବ୍ୟ ବ୍ୟବହାର କାରଣରୁ ବିଶ୍ୱରେ ପ୍ରତିବର୍ଷ ୮୦ ଲକ୍ଷରୁ ଅଧିକ ଲୋକଙ୍କର ମୃତ୍ୟୁ ହେଉଛି କିନ୍ତୁ କେହି ଡ଼ରୁନାହାଁନ୍ତି।

ଧୂମପାନ ଭଳି ସମସ୍ୟା ବୃଦ୍ଧି କୁ ଦେଖି ଏକଥା କୁହାଯାଇପାରେ ଯେ ଭାରତ ସରକାର ଯଦି ମାଳଦ୍ୱୀପ ସରକାରଙ୍କ ଭଳି ପଦକ୍ଷେପ ଗ୍ରହଣ ନ କରିବେ ତେବେ ସ୍ଥିତି ସୁଧୁରିବା ମୁସ୍କିଲ। ଭାରତ ତମାଖୁର ସବୁଠାରୁ ବଡ଼ ଉପଭୋକ୍ତା ଏବଂ ଉତ୍ପାଦକ ଦେଶ ଅଟେ। ସରକାର ରାଜସ୍ୱର ଅଧିକ ଅଂଶ ଏଥିରୁ ହିଁ ପାଇଥାନ୍ତି। ଡ଼ବ୍ଲ୍ୟୁଏଚଓର ତଥ୍ୟ ଅନୁସାରେ ତମାଖୁ ସେବନ ଓ ଧୂମପାନ କାରଣରୁ ଭାରତରେ ପ୍ରତିବର୍ଷ ସାଢେ ୧୩ ଲକ୍ଷରୁ ଅଧିକ ଲୋକଙ୍କର ମୃତ୍ୟୁ ହେଉଛି। ତମାଖୁ ସେବନ ଓ ବିଡି-ସିଗାରେଟ କ୍ୟାନସର, ଲିଭର ରୋଗ ଏପରିକି ହୃଦରୋଗର କାରଣ ବୋଲି ଜାଣି ମଧ୍ୟ ନିଶା ସେବନ ବଢିଚାଲିଛି। ଆମଦେଶର ସୀମାନ୍ତବ ୀ ରାଜ୍ୟ ପଞ୍ଜାବକୁ ପାକିସ୍ଥାନରୁ ଦୈନନ୍ଦିନ ଶହ ଶହ କିଲୋଗ୍ରାମ ମାଦକଦ୍ରବ୍ୟ ପାକିସ୍ଥାନ ବାଟଦେଇ ଆସୁଛି। ଏ ବାବଦରେ ଅନେକବାର ଗଣମାଧ୍ୟମରେ ସମ୍ବାଦ ପ୍ରକାଶ ପାଉଛି। ନିଶାଦ୍ରବ୍ୟ ଚୋରାଚାଲଣକାରୀ ମାନେ ମାଦକଦ୍ରବ୍ୟ ଚାଲାଣ ପାଇଁ ଡ୍ରୋନ ବ୍ୟବହାର କରୁଥିବା ବାବଦରେ ମଧ୍ୟ ଜଣାପଡିଛି। କିନ୍ତୁ ଏହାକୁ ରୋକାଯାଇ ପାରୁନାହିଁ କାହିଁକି ? ମାଳଦ୍ୱୀପ ସରକାର ସେ ଦେଶର ଲୋକଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଯେଉଁ ଆଇନ୍ ପ୍ରଣୟନ କରିଛନ୍ତି ତାହା ଅନ୍ୟ ଦେଶ ମାନଙ୍କ ପାଇଁ ଉଦାହରଣ ନିଶ୍ଚୟ। ଭାରତ ସରକାର ମଧ୍ୟ ମାଳଦ୍ୱୀପଠାରୁ ଶିଖିବା ଉଚିତ୍। ମାଳଦ୍ୱୀପ ଧୂମପାନକୁ ନିଶେଧ କରିଥିବା ବିଶ୍ୱର ପ୍ରଥମ ଦେଶ। ତଥ୍ୟ ଅନୁସାରେ ମାଳଦ୍ୱୀପରେ ପ୍ରତିବର୍ଷ ଧୂମପାନ ଓ ତମାଖୁ ସେବନ କାରଣରୁ ମାତ୍ର ୧୫୦ କିମ୍ବା ତାଠାରୁ କିଛି ଅଧିକ ଲୋକଙ୍କ ମୃତ୍ୟୁ ହୋଇଥାଏ ତଥାପି ସେ ଦେଶର ସରକାରଙ୍କର ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତାକୁ ସ୍ୱାଗତ କରାଯିବା ଉଚିତ୍। ଭାରତ ସରକାର ଯଦି ଏ ପ୍ରସଙ୍ଗରେ ଚିନ୍ତା କରନ୍ତେ ତେବେ ଧୂମପାନ କୁ ବନ୍ଦ କରାଯାଇ ପାରନ୍ତା। ଏହା ମଧ୍ୟ ଅସମ୍ଭବ ନୁହେଁ। ଧୂମପାନକୁ ଯୁବବର୍ଗ/ ଲୋକେ ଏବେ ମଡ଼ର୍ଣ୍ଣ ଷ୍ଟାଟସ ବୋଲି ଭାବିନେଇଛନ୍ତି ଯେଉଁଥିପାଇଁ ଧୂମପାନକାରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ନାବାଳକ ଏପରିକି ମହିଳା ମାନେ ମଧ୍ୟ ଧୂମପାନ ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ମାଦକ ପଦାର୍ଥର କ୍ରୟବିକ୍ରୟ ଏସିଆ ମହାଦେଶରେ ଅଧିକ ହେଉଛି। ମାଳଦ୍ୱୀପର "ଜେନେରେସନାଲ ସ୍ମୋକିଙ୍ଗ୍ ବ୍ୟାନ୍" ହେଉଛି ବିଶ୍ୱର ପ୍ରଥମ ତମାଖୁ ମୁକ୍ତି ପାଇଁ ଆଇନ୍। ଭାରତରେ ଏମିତି କିଛି ଆଇନ୍ ନାହିଁ କିନ୍ତୁ ରାଷ୍ଟ୍ରୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଭଳି ଆଇନ୍ ରହିଛି। ଏତଦ୍ ବ୍ୟତୀତ ସମୟ ସମୟରେ ରାଜ୍ୟର ସରକାରମାନେ ଏହା ଉପରେ ପ୍ରତିବନ୍ଧ ଲଗାଇଥାନ୍ତି। କିନ୍ତୁ ଦୁର୍ଭାଗ୍ୟ ଯେ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଓ ରାଜ୍ୟ ସରକାରଙ୍କ ପ୍ରତିବନ୍ଧ ବିଫଳ ସାବ୍ୟସ୍ତ ହେଉଛି। ଅନ୍ତତଃ ନିଶା ବିରୁଦ୍ଧରେ ସଂଘର୍ଷ ଏକ ନିରନ୍ତର ଅଭିଯାନ ଅଟେ। ଏହା ଗୋଟିଏ ଥରର କାର୍ଯ୍ୟକ୍ରମ ନୁହେଁ। ପୌରାଣିକକାଳ ଠାରୁ ଆଜି ପର୍ଯ୍ୟନ୍ତର ଅନୁଭବରୁ ଶିକ୍ଷା ମିଳେ ଯେ ଯେଉଁଠି ସଂଜମ, ବିବେକ ଏବଂ ମୂଲ୍ୟ ଥାଏ ସେଠି ସମାଜର ବିକାଶ ହୋଇଥାଏ। କିନ୍ତୁ ଯେଉଁଠି ଆବଶ୍ୟକତା ହେଉଛି ଆମେ ଆମର ସାଂସ୍କୃତିକ ମୂଲ୍ୟ ଆଡ଼କୁ ଫେରିବା ଏବଂ ନିଶା-ମୁକ୍ତ, ସୁସ୍ଥ ଏବଂ ସଶକ୍ତ ସମାଜ ଗଠନ କରିବା ଦିଗରେ ଅଗ୍ରସର ହେବା।

ରାମଚନ୍ଦ୍ରପୁର, ରଣପୁର, ମୋ:୯୪୩୮୪୮୫୦୯୪

# ଇରାନରେ ଅଶାନ୍ତି-ଉତ୍ତେଜନା

ଗଲା ମାସ ୨୮ତାରିଖ ଦିନ ଇରାନର ରାଜଧାନୀ ତେହେରାନର ଗ୍ରାଣ୍ଡ ବଜାରରେ ଡଲାର ତୁଳନାରେ ଇରାନୀୟ ମୁଦ୍ରା 'ରିଅଲ'ର ମୂଲ୍ୟ ହ୍ରାସ ଓ ଆକାଶଛୁଆଁ ଦରଦାମ ତଥା ମୁଦ୍ରାସ୍ଫୀତି ବୃଦ୍ଧି ବିରୁଦ୍ଧରେ କେତେକ ଦୋକାନୀ ଆରମ୍ଭ କରିଥିବା ଆନ୍ଦୋଳନ ଏତେ ତୀବ୍ରତର ଓ ଉଗ୍ର ଆକାର ଧାରଣ କରିଛି ଯେ, ୧୯୭୯ରେ ଏହାର ପ୍ରତିଷ୍ଠା ପରଠାରୁ ଇସଲାମିକ୍ ରିପ୍ଲବିକ୍ ଗୁରୁତର ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଦେଶର ଧାର୍ମିକ ଶାସନ ବ୍ୟବସ୍ଥାର ନଗ୍ନରୂପ ବିଶ୍ୱବାସୀଙ୍କ ନିକଟରେ ପଦାରେ ପକାଇବା ସହ ଗୃହ ଯୁଦ୍ଧର ସଂକେତ ଦେଇଛି। ଦେଶବ୍ୟାପୀ ଆନ୍ଦୋଳନରେ ଯୁବକ, ଛାତ୍ର, ମହିଳାଙ୍କ ଠାରୁ ଆରମ୍ଭ କରି ୫୦ ନିୟୁତରୁ ଅଧିକ ଲୋକ ସାମିଲ ହୋଇଥିବାବେଳେ ଏହାକୁ ଦମନ କରିବା ପାଇଁ ଇସଲାମିକ୍ ସରକାର ସାମରିକ ଆଇନ ଲାଗୁ କରିବା ସହ ଆନ୍ଦୋଳନକାରୀଙ୍କୁ ଦେଖିବା ମାତ୍ରେ, ଗୁଳି ନିର୍ଦ୍ଦେଶ ଦେବା ଯୋଗୁଁ ସରକାରୀ ରିପୋର୍ଟରେ ୩୦୦୦ରୁ ଉର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଥିବା କୁହାଯାଏ। ବେସରକାରୀ ରିପୋର୍ଟରେ ମୃତ୍ୟୁ ସଂଖ୍ୟା ଆହୁରି ଅଧିକ ହେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ। କେବଳ ଏତକି ନୁହେଁ, ବହୁ ଆନ୍ଦୋଳନକାରୀଙ୍କୁ ବିନା ବିଚାରରେ ପ୍ରକାଶ୍ୟରେ ମୃତ୍ୟୁଦଣ୍ଡ ଦିଆଯାଇଥିବା ରିପୋର୍ଟ ପ୍ରକାଶ ପାଇଛି। ଉଲ୍ଲେଖଯୋଗ୍ୟ ଯେ, ଦୀର୍ଘକାଳ ଧରି କଠୋର ପାଶ୍ଚାତ କଟକଣାର ସମ୍ମୁଖୀନ ହୋଇ ଇରାନର ଅର୍ଥନୀତି ଦୁର୍ବଳ ହୋଇପଡିଥିବାବେଳେ ଗତ ବର୍ଷ ଜୁନରେ ଇସ୍ରାଏଲର ବୋମା ବର୍ଷଣ ଅଭିଯାନରେ ଆର୍ଥୀକ ବ୍ୟବସ୍ଥା ଆହୁରି ବିପର୍ଯ୍ୟସ୍ତ ହୋଇପଡିଛି। ଯାହାର ପରିଣତି ସହ 'ରିଅଲ'ର ମୂଲ୍ୟ ହ୍ରାସ ସହ ଦରଦାମ ଆକାଶଛୁଆଁ ହୋଇଥିଲା। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଇରାନ ସରକାର ତୈଳ ଦର ବୃଦ୍ଧି କରିବା ସହ କେତେକ ଖାଦ୍ୟ ସାମଗ୍ରୀ ଉପରୁ ସବସିଡ୍ ପ୍ରତ୍ୟାହାର କରି ନେବା ଯୋଗୁଁ ଦରଦାମ ବୃଦ୍ଧି ଆହୁରି ଉପରମୁହାଁ ହୋଇଥିଲା। ଯାହାକି ଜନସାଧାରଣଙ୍କ ଅସନ୍ତୋଷକୁ ଆହୁରି ଘନୀଭୂତ କରିବା ସହ ଶେଷରେ ଉଗ୍ର ଆନ୍ଦୋଳନର ରୂପ ନେଇଥିଲା। ଆନ୍ଦୋଳନ, ପ୍ରତିବାଦ ଗତ ସପ୍ତାହରେ ହିଂସାରେ ପରିଣତ ହୋଇଥିବାବେଳେ ସରକାରଙ୍କ ନୃଶଂସ ଦମନ ନୀତିରେ ୩ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥିବା ଆମେରିକା ଓ ନରୱେର ଗ୍ରୁପ ପକ୍ଷରୁ କୁହାଯାଇଛି। ଏହା ନିସନ୍ଦେହ ଯେ, ଇରାନରେ ଆଭ୍ୟନ୍ତରୀଣ ଅସନ୍ତୋଷ ଆନ୍ଦୋଳନ ପୂର୍ବରୁ ବାରମ୍ବାର ବୈଦେଶିକ ଆକ୍ରମଣ ଧମକର ସମ୍ମୁଖୀନ ହୋଇଥିବାବେଳେ ଗତ ଜୁନ ମାସରେ ଆମେରିକା-ଇସ୍ରାଏଲ ପକ୍ଷରୁ ବୋମା, କ୍ଷେପଣାସ୍ତ୍ର ଆକ୍ରମଣରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲା। ଏବେ ଇରାନରେ ଉଭୟ ଆଭ୍ୟନ୍ତରୀଣ ବିପ୍ଳବ ଓ ବୈଦେଶିକ ହସ୍ତକ୍ଷେପ, ଏକାଭିମୁଖତା ହୋଇପଡିଛି ବୋଲି କହିଲେ ଅତିରଂଜିତ ହୋଇନପାରେ। ନିଆଁରେ ଘିଅ ଢାଳିବା ପରି ଗତ ୧୩ତାରିଖ ଦିନ ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ଖୋଲାଖୋଲି ଭାବେ ଆନ୍ଦୋଳନକାରୀଙ୍କୁ ଉସୁକାଇଛନ୍ତି। ଟ୍ରମ୍ପ ଆନ୍ଦୋଳନକାରୀଙ୍କୁ କହିଛନ୍ତି ଯେ, 'ତୁମେମାନେ ଶାସନ ବ୍ୟବସ୍ଥାକୁ ଦଖଲ କର'- 'ସହାୟତା ବାଟରେ ରହିଛି'। କହିବା ବାହୁଲ୍ୟ ଯେ, ଇରାନର ରାଜନୈତିକ ଓ ଅର୍ଥନୈତିକ ବ୍ୟବସ୍ଥା ହେଉଛି କରିବା ସମ୍ଭବ ହେଉନଥିବା ପରି ବାରମ୍ବାର ଆନ୍ଦୋଳନ, ପ୍ରତିବାଦ ଦେଶର ଢାଂଚାଗତ ବ୍ୟବସ୍ଥାକୁ ଦୁର୍ବଳ କରିଦେଇଥିବାବେଳେ ସରକାର ଜନସାଧାରଣଙ୍କ ଆପତି ଅଭିଯୋଗ ସମାଧାନ କରିବାରେ ସମ୍ପୂର୍ଣ୍ଣ ବ୍ୟର୍ଥ ହୋଇଛନ୍ତି। ଏହାର ସମାଧାନ ଆଉ ଏକ ଯୁଦ୍ଧ ନୁହେଁ। ଇରାନର ଶାସକଗୋଷ୍ଠୀ ଏବେ ଉଭୟ ଅସ୍ଥିରତା ଓ ଚାପର ସମ୍ମୁଖୀନ କିନ୍ତୁ ଶାସକ ଗୋଷ୍ଠୀ ଯେ, ଦେଶରେ ଏକ ଘରକିଆ ହୋଇପଡିଛନ୍ତି ତାହା କୁହାଯାଇପାରିବ ନାହିଁ। ଗତ ୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ଦେଶର ପାଖାପାଖି ୫୦ପ୍ରତିଶତ ଅର୍ଥାତ ୩୦ ମିଲିଅନ ଭୋଟଦାତା ମତଦାନ କରିଥିଲେ। ଏବେ ଇସ୍ରାଏଲର ବୋମାମାଡ, ଟ୍ରମ୍ପଙ୍କ ଆକ୍ରମଣ ଧମକ ସତ୍ୱେ ଗତ ୧୨ତାରିଖ ଦିନ ସରକାରଙ୍କ ସମର୍ଥନରେ ହଜାର ହଜାର ଇରାନବାସୀ ଶୋଭାଯାତ୍ରା କରିବା ଏକ ଉଲ୍ଲେଖନୀୟ ଘଟଣା ଦେଶର ନିରାପତା, ସୁରକ୍ଷା ସଂହତିରେ କୌଣସି ଫାଟ ନଥିବା ଏହା ସନ୍ଦେଶ ପ୍ରଦାନ କରେ। ଟ୍ରମ୍ପଙ୍କ ଇରାନ ଉପରେ ଆକ୍ରମଣ ଧମକ ସମଗ୍ର ଅଂଚଳକୁ କେବଳ ଆତଙ୍କ ମଧ୍ୟକୁ ଠେଲି ଦେଇନାହିଁ, ଦୀର୍ଘକାଳୀନ ହିଂସାକାଣ୍ଡ ମଧ୍ୟକୁ ଫିଙ୍ଗି ଦେଇ ଦେବା ଆଶଙ୍କା ରହିଛି। ସେହିପରି ସ୍ୱେଚ୍ଛାଚାରୀ ଧର୍ମାନ୍ଧ ଶାସନ ଲୋକଙ୍କ ପାଇଁ ଅଧିକ ଦୁଃଖ, ନିର୍ଯ୍ୟାତନାର କାରଣ ଭାବେ ଉଭା ହୋଇଛି। ଇରାନରେ ଆଉ ଏକ ଯୁଦ୍ଧ ନୁହେଁ, ଅଧିକ ସ୍ୱାଧୀନତା ଓ ତ୍ୱରିତ ସଂସ୍କାର ଆବଶ୍ୟକତା କରେ। ଯାହାକି ମଙ୍ଗଳବାର ହେବ।

# ପୂର୍ଣ୍ଣ ବିକାଶ ପଥରେ ଆମେ

### କବୀର କୁମାର ଜେନା

ଆମେ ସତରେ ପୂର୍ଣ୍ଣ ବିକାଶ ପାଇଛେ ? ବିକାଶ କ'ଣ ? ଏପରି କିଛି ପ୍ରଶ୍ନ କେଜାଣି କାହିଁ ମୋତେ ଆନ୍ଦୋଳିତ କଲା। ହଜାର ବର୍ଷର ସହର କଟକ, କ'ଣ ବିକାଶ କରିଛି ? ଓଡ଼ିଶାରେ ଡବଲ ଇଞ୍ଜିନ ସରକାର କ'ଣ ବି ବିକାଶ କରିଛନ୍ତି ? ବିଶ୍ୱଗୁରୁର ନେତୃତ୍ୱ ନେଉଥିବା ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଭାରତ କ'ଣ ସତରେ କେଉଁ କ୍ଷେତ୍ରରେ ବିକାଶ ହୋଇଛି ? ମୁଁ ଯେ ଜଣେ ବିକାଶ ବିରୋଧୀ ତାହା ଉଲ୍ଲେଖ କରୁନି। ବିକାଶର ମାର୍ମିକ ସତ୍ୟ କ'ଣ ବା ଲେଖିବା। ଅନେକଙ୍କୁ ଏହା ଜଣା। ଆପଣ ଅସୁବିଧାରେ ପଡ଼ିଛନ୍ତି, ଫୋନ କଲେ କେତେ ସମୟ ଭିତରେ ପିସିଆର ଗାଡ଼ି ପହଞ୍ଚୁଛି ? ଆପଣଙ୍କ ଘର ପାଖରେ ଦିନ ଦିନ ଧରି ଆବର୍ଜନା ଗନ୍ଧ ହେଉଛି, ଉଠାଉ ଥିବା ଗାଡ଼ି ନେଉନାହିଁ ତାହାହେଲେ କ'ଣ କରିବେ ? ସରକାର ନିଜେ ପ୍ରଦୂଷଣ କରୁଛନ୍ତି। ଭଙ୍ଗା ରାସ୍ତା ଓ ଖଣି ଖାଦାନ କ୍ଷେତ୍ରରେ ରାଜସ୍ୱ ଆଦାୟ ଚଢ଼ା ଭାବରେ ଆଦାୟ କରୁଥିଲେ ମଧ୍ୟ ପ୍ରଦୂଷଣ କିନ୍ତୁ ସ୍ଥାନୀୟ ଲୋକ ଭୋଗୁଛନ୍ତି, ଏହା ହେଉଛି ବିକାଶ ? ମାମଲା ଯେତେ ସବୁ ରୁଜୁ ହେଉଛି, ଥାନା ପରିସୀମାରେ ଅନେକ କ୍ଷେତ୍ରରେ ଯାହା ଯାହା ସବୁ ହେଉଛି ତାହା କ'ଣ ବିକାଶର ଚିତ୍ର ? ସତରେ ଗୋଟିଏ ଧାଡ଼ିରେ କହିଲେ 'ଆଇନ କ'ଣ ତା ବାଟରେ ଯାଏ' କିନ୍ତୁ କୁହାଯାଏ 'ଆଇନ ତା ବାଟରେ ଯାଏ'। ନୂଆଦିଲ୍ଲୀର ବିବାଦୀୟ ବିଚାରପତିଙ୍କ ମାମଲାକୁ ଦେଖାଯାଉ। ଏହିପରି ବିକାଶର ଆଲୋଚନା କଲେ ଜଣେ ନିଜକୁ ଯେଉଁ ଚିନ୍ତା ଭିତରକୁ ଠେଲି ନେଇଯିବ ତାହା ତାକୁ ଆହୁରି ଭାରାକ୍ରାନ୍ତ କରିଯିବ। ରୋଜଗାରର ଚିନ୍ତା ଯାହା ସେ କ୍ଷେତ୍ରରେ ଦରଦାମ ଯେଉଁପରି ଭାବେ ବଢୁଛି ଟିକିଏ ବିଚାର କଲେ, ଏସବୁ ସତରେ ବିକାଶର କ'ଣ ଗୋଟିଏ ଗୋଟିଏ ନୂଆ ଭାଷା !! ବିଶ୍ୱ ଅର୍ଥନୀତିରେ ଚତୁର୍ଥ ସ୍ଥାନକୁ ଲମ୍ଫ ପ୍ରଦାନ କରୁଥିବା ପ୍ରମୁଖ ମହାଶକ୍ତି ଭାରତ ସ୍ୱାଧିନତାର ୧୦୦ ପୂର୍ତ୍ତି ପାଳନ କରିବା ପାଇଁ ଯାଉଛି ୨୦୪୭ରେ। ଏବେ ଡବଲ ଇଞ୍ଜିନ ସରକାର, କେନ୍ଦ୍ରରେ ଓ ଓଡ଼ିଶାରେ ଶାସନର ଲଗାମ ବିଜେପି ହାତରେ। 'ବିକଶିତ ଭାରତ - ୨୦୪୭' ଭାବେ ଭାରତକୁ ଏକ ପୂର୍ଣ୍ଣ ବିକଶିତ, ବିଶ୍ୱସ୍ତରୀୟ ଓ ମହାଶକ୍ତି ଅନ୍ତର୍ଭୁକ୍ତ କ୍ଷମତାସମ୍ପନ୍ନରେ ପରିଣତ କରିବା ପାଇଁ ବ୍ୟାପକ ଯୋଜନା ପ୍ରସ୍ତୁତ ହେଉଛି। ଓଡ଼ିଶା ମଧ୍ୟ 'ଓଡ଼ିଶା ଭିଜନ-୨୦୩୬ ଓ ୨୦୪୭' ପ୍ରସ୍ତୁତ କରିଛି। ଓଡ଼ିଶା ଗଠନର ୧୦୦ ବର୍ଷ ୨୦୩୬ରେ ପୂର୍ଣ୍ଣ ହେବାକୁ ଯାଉଥିବାରୁ କହିବାକୁଗଲେ ୨୦୩୬ ଓ ୨୦୪୭ ଆମ ରାଜ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱ ରଖୁଛି।

ବାସ୍ତବରେ ପୂର୍ଣ୍ଣ ବିକଶିତ ଭାରତ କ'ଣ ? ସେହିଠି ଏହାକୁ ପୂର୍ଣ୍ଣ ବିକଶିତ, ସମୃଦ୍ଧ, ଉନ୍ନତ, ଅଭିବୃଦ୍ଧି ସମ୍ପନ୍ନ ଦେଶ କୁହାଯିବ ଅର୍ଥ ଯେଉଁଠି ଅଭିବୃଦ୍ଧି, ସମାନତା, ସ୍ଥିରତା ସହିତ ସୁଯୋଗ ପ୍ରତ୍ୟେକ ନାଗରିକଙ୍କ ପାଖରେ ଉପଲବ୍ଧ ହୋଇପାରିବ। ବ୍ୟାପକ ଭିତ୍ତିଭୂମି ବିକାଶ, ଆର୍ଥିକ ସଂସ୍କାର, କେନ୍ଦ୍ରୀୟ ଯୋଜନା କଲ୍ୟାଣର ମୂଳ ଆଧାର ଲୋକମାନଙ୍କ ବିକାଶ ଓ ଆଞ୍ଚଳିକ ଭାରସମ୍ୟ ରକ୍ଷା ସହ ଜଳବାୟୁ ସ୍ଥିରତା ମଧ୍ୟ ଅତିବ ଗୁରୁତ୍ୱପୂର୍ଣ୍ଣ।

୨୦୪୭ ମସିହାରେ ଭାରତକୁ ପୂର୍ଣ୍ଣ ବିକଶିତ ରୂପରେ ଦେଖିବା ଲାଗି ଆଗାମୀ ଦୁଇ ଦଶନ୍ଧି ମଧ୍ୟରେ ଦେଶକୁ ୩୦ ଟ୍ରିଲିଅନ ଡଲାର ଅର୍ଥନୀତିରେ ପରଣିତ କରିବାର ଯୋଜନା କରାଯାଉଛି। ଏହାର ଅଗ୍ରଗତି ଚାରିଟି ବର୍ଗର ବିକାଶ ଉପରେ ନିର୍ଭର କରିବ, ଯୁବକ , ଦରିଦ୍ର, ମହିଳା ଓ କୃଷକ। ସୁତରାଂ ଏହି ଚାରି ବର୍ଗର ଅନ୍ତର୍ଭୁକ୍ତୀକରଣ ଓ ସଶକ୍ତିକରଣ ସର୍ବାଧିକ ଗୁରୁତ୍ୱ ବହନ କରିବ। କେନ୍ଦ୍ରୀୟ ବଜେଟ ୨୦୨୫-୨୬ରେ ଏ ନେଇ ସରକାରଙ୍କ ଆଗ୍ରହ ପ୍ରତିଫଳିତ ହୋଇଛି। ବ୍ୟକ୍ତିଗତ ଆୟକର ଛାଡ଼ ସୀମା ୮ ଲକ୍ଷ ଟଙ୍କାରୁ ୧୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ଏମ.ଏସ.ଏମ.ଇ. ଗୁଡ଼ିକୁ ଦୃଢ଼ କରିବା, ସ୍ଥାୟୀ କୃଷିକୁ ସମର୍ଥନ କରିବା ଏବଂ ଭିତ୍ତିଭୂମିରେ ନିବେଶ ବୃଦ୍ଧି କରିବା ଭଳି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏହାର ଉଦାହରଣ। ସେମିତି ଦାରିଦ୍ର୍ୟ ହ୍ରାସ କରିବା ହେଉଛି ଏକ ପ୍ରମୁଖ ଜାତୀୟ ଦୃଷ୍ଟିକୋଣ ବା ଆଭିମୁଖ୍ୟ। ସେମିତି କେତେକ ଉଦାହରଣୀୟ କଲ୍ୟାଣକାରୀ କାର୍ଯ୍ୟକ୍ରମ ହେଲେ ୮୦ କୋଟିରୁ ଅଧିକ ଲୋକଙ୍କ ପାଇଁ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା, ଜନଧନ ଯୋଜନା ମାଧ୍ୟମରେ ସାଧାରଣ ନାଗରିକଙ୍କୁ ବ୍ୟାଙ୍କ ସେବା ସହିତ ଯୋଡ଼ି ରାଷ୍ଟ୍ରୀୟ ଅର୍ଥ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବା, ଆବାସ ଯୋଜନାରେ ୩୦ ନିୟୁତରୁ ଅଧିକ ଗ୍ରାମୀଣ ଘର ନିର୍ମାଣ କରିବା ଏବଂ ଆଦିବାସୀ ସଂପ୍ରଦାୟ ଓ ଦିବ୍ୟାଙ୍ଗଙ୍କ ପାଇଁ ସାମାଜିକ ସହାୟତା ବ୍ୟବସ୍ଥାକୁ ସୁଦୃଢ଼ କରିବା ଇତ୍ୟାଦି। ଚାଷୀମାନେ ଦେଶର ମେରୁଦଣ୍ଡ ବୋଲି ହୃଦବୋଧ କରି କୃଷିକୁ ଯଥେଷ୍ଟ ଗୁରୁତ୍ୱ ଦେବା ମଧ୍ୟ ସରକାରଙ୍କ ପ୍ରଧାନ ଆଭିମୁଖ୍ୟ ହୋଇଛି ପ୍ରଧାନମନ୍ତ୍ରୀ କିଷାନ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଏବଂ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼, ପ୍ରଧାମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, କିଷାନ କ୍ରେଡିଟ କାର୍ଡ଼ ଭଳି ଯୋଜନାଗୁଡ଼ିକ ଏହାର ଗୋଟିଏ ଗୋଟିଏ ପ୍ରମାଣ। ଏହି ସବୁ ଯୋଜନା ଦ୍ୱାରା ଜଳସେଚନ ବ୍ୟବସ୍ଥାରୁ ନେଇ କୃଷକଙ୍କୁ ଋଣ ପ୍ରଦାନ ପର୍ଯ୍ୟନ୍ତ ଅନେକ ସୁବିଧା ଓ ସହାୟତା ଯୋଗାଇ ଦିଆଯାଉଛି। ସେହିଭଳି ପ୍ରଧାନମନ୍ତ୍ରୀ ପ୍ରଣାମ ଯୋଜନା ମାଧ୍ୟମରେ ସ୍ଥାୟୀ ବା ଦୀର୍ଘକାଳୀନ କୃଷିକୁ ପ୍ରୋତ୍ସାହନ ଦିଆଯାଉଛି। ମହିଳା ସଶକ୍ତୀକରଣ ମଧ୍ୟ ବିକଶିତ ଭାରତର ଏକ ପ୍ରମୁଖ ଅଂଶ। ଲୋକସଭା ଏବଂ ରାଜ୍ୟ ବିଧାନସଭା ଗୁଡ଼ିକରେ ଏକ ତୃତୀୟାଂଶ ଆସନ ଆରକ୍ଷଣ, ତିନି ତଲାକ ବ୍ୟବସ୍ଥାର ଉଚ୍ଛେଦ, ଜନଧନ ଆକାଉଣ୍ଟ, ମୁଦ୍ରା ଯୋଜନା ଏବଂ ଷ୍ଟାଣ୍ଡ ଅପ ଇଣ୍ଡିଆ ଇତ୍ୟାଦି ମାଧ୍ୟମରେ ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବନର ସୁଯୋଗ ଦିଆଯାଉଛି। ଜଳ ଜୀବନ ମିସନ, ସ୍ୱଚ୍ଛ ଭାରତ ମିସନ ଏବଂ ପି.ଏମ.ଏମ.ଭି.ୱାଇ, ଜଳ ପରିମଳ ଏବଂ ପ୍ରସୂତି ଯତ୍ନ ଭଳି ମୌଳିକ ସେବାଗୁଡ଼ିକ ସଂପ୍ରତି ମହିଳାମାନଙ୍କର ଲାଗି ସହଜରେ ଉପଲବ୍ଧ ହେଉଛି। ଶିକ୍ଷା ଏବଂ ଦକ୍ଷତା ବିକାଶ ଦିଗରେ ପି.ଏମ. ଶ୍ରୀ ବିଦ୍ୟାଳୟ ବିଦ୍ୟାଞ୍ଜଳି, ନିଷ୍ଠା ଏବଂ ନିପୁଣ ଭାରତ ଭଳି କାର୍ଯ୍ୟକ୍ରମ ଦ୍ୱାରା ଶିକ୍ଷା ଓ ଶିକ୍ଷକ କ୍ଷମତା ବୃଦ୍ଧି ହାସଲ ସମ୍ଭବ ହୋଇଛି। ଦକ୍ଷତା ଭାରତ ମିସନ ଏବଂ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଯୁବପିଢ଼ିଙ୍କୁ ଶିଳ୍ପ ଉଦ୍ୟୋଗ ଲାଗି ପ୍ରସ୍ତୁତ କରୁଥିବା ବେଳେ ଅଟଳ ଟିଙ୍କରିଂ ଲ୍ୟାବ ବୈଜ୍ଞାନିକଙ୍କୁ ପ୍ରୋତ୍ସାହିତ କରୁଛି। ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ମିସନ ଏବଂ ଡିଜିଟାଲ ସ୍ୱାସ୍ଥ୍ୟ ମିଶନ ଅଧୀନରେ ସ୍ୱାସ୍ଥ୍ୟ ସେବା ଅଧିକ ସୁଲଭ ହୋଇଛି। ଇ-ସଂଜୀବନୀ ଓ.ପି.ଡ଼ି. ଏବଂ ପ୍ରଧାନମନ୍ତ୍ରୀ ଜନ ଔଷଧୀ ଯୋଜନା ସ୍ୱାସ୍ଥ୍ୟସେବାକୁ ଅଧିକ ସମାବେଶୀ କରିଛି। ମିସନ ଇନ୍ଦ୍ରଧନୁଷ ଏବଂ ନିଶା ମୁକ୍ତ ଭାରତ ଭଳି ଅଭିଯାନ ଶିଶୁ କଲ୍ୟାଣ ଏବଂ ନିଶାମୁକ୍ତ ଭାରତ ଦିଗରେ ବଳିଷ୍ଠ ପଦକ୍ଷେପ। ପିଏମ ଗତିଶକ୍ତି ଅଧୀନରେ ଭିତ୍ତିଭୂମିର ବିକାଶ ତ୍ୱରାନ୍ୱିତ ଓ ସମନ୍ୱୟୀ ହେବାର ବାଟ ଫିଟିଛି, ଏହାଫଳରେ ସଡ଼କ, ରେଳ, ବାୟୁ ଏବଂ ଜଳପଥ ନେଟୱାର୍କ ସୁଦୃଢ଼ ହୋଇଛି। ଏ ସବୁରେ ଅଗ୍ରଗତି ଓ ନୂତନ ଆବିଷ୍କାରକୁ ଉତ୍ସାହ ଦିଆଯାଉଛି, ଯାହା ବିକଶିତ ଭାରତ ଗଠନରେ ଭୂମିକା ନିର୍ବାହ କରିବ। ମହାକାଶ ବିଜ୍ଞାନରେ ଆମ ଦେଶର ଉଲବ୍ଧି ବେଶ ଦୃଷ୍ଟି ଆକର୍ଷଣକାରୀ ହୋଇ ରହିଛି। ଚନ୍ଦ୍ରଯାନ, ଆଦିତ୍ୟ ଏଲ୍ ୧ ଓ ଗଗନଯାନ ମିସନ ହେଉଛନ୍ତି ମହାକାଶ ପ୍ରଯୁକ୍ତି ବିଦ୍ୟାର ସଫଳତାର ନିଦର୍ଶନ।

ଭାରତ ଆଜି ଶକ୍ତି ଉତ୍ପାଦନ କ୍ଷମତା କ୍ଷେତ୍ରରେ ଯେଉଁପରି ଅଭିବୃଦ୍ଧି କରିଛି ତାହା ଏକ ସ୍ୱଚ୍ଛ ଓ ପରିପୂର୍ଣ୍ଣ ଅର୍ଥନୀତିର ମହତ୍ୱକୁ ସାବ୍ୟସ୍ତ କରୁଛି। ବିକଶିତ ଓଡ଼ିଶା ପାଇଁ ଏକ ବିସ୍ତୃତ, ଦୂରଦୃଷ୍ଟି ସମ୍ପନ୍ନ ନକ୍ସା ତିଆରି ହେଉଛି ଯେଉଁଥିରେ ୨୦୩୬ ସୁଦ୍ଧା ୫୦୦ ବିଲିୟନ ଡଲାରର ଅର୍ଥନୀତି ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାରର ଅର୍ଥନୀତିରେ ପରିଣତ ହେବା ହେଉଛି ରାଜ୍ୟର ଏକ ଅଭିଳାଷ। ଅର୍ଥନୀତି କ୍ଷେତ୍ର ଠାରୁ ପ୍ରାରମ୍ଭିକ ଶୈଶବ, ଆଧୁନିକ ଚିକିତ୍ସା ଠାରୁ ଶୈଶବ ମୃତ୍ୟୁ ସବୁ କ୍ଷେତ୍ରରେ ସ୍ୱାସ୍ଥ୍ୟ ରଣନୀତିରେ ଜଳବାୟୁ ସ୍ଥିରତାକୁ ମଧ୍ୟ ଗୁରୁତ୍ୱ ପ୍ରଦାନ କରାଯିବା ଜରୁରୀ। ଓଡ଼ିଶା ଏକ ଚାଷୀ ପ୍ରଧାନ ରାଜ୍ୟ। ଚାଷବାସ ସହ ଡିଜିଟାଲ କୃଷିକୁ ପ୍ରୋତ୍ସାହନ ଓ ରାଜ୍ୟବ୍ୟାପୀ ଜଳସେଚନ ସହ ନୂତନ ମାଛଧରା ବନ୍ଦର, ସାମୁଦ୍ରିକ ଖାଦ୍ୟ ପାର୍କ ହେଉଛି ଓଡ଼ିଶା ସରକାରଙ୍କର ନୀଳ ଅର୍ଥନୀତିର ନୂଆ ନକ୍ସା। ସାର୍ବଜନୀନ ସ୍କୁଲ ନାମଲେଖା, ସାର୍ବଜନୀନ ଡିଜିଟାଲ ସାକ୍ଷରତା ସହ ଉଚ୍ଚ ଶିକ୍ଷା ସଂସ୍କାର ଦ୍ୱାରା ଗବେଷଣା କ୍ଷମତା ବଢ଼ିବ ଯାହା ବିଶ୍ୱବିଦ୍ୟାଳୟ ପରି ଶିକ୍ଷାୟତନକୁ ମଜଭୁତ କରିବ। ଯୁବପିଢ଼ିଙ୍କ ପାଇଁ କ୍ରୀଡ଼ାଭିତ୍ତିଭୂମି ଠାରୁ ସାମଗ୍ରୀକ ପ୍ରୋତ୍ସାହନ ସହିତ ଆଦିବାସୀ ବହୁଳ, ଦୁର୍ଗମ ଜିଲ୍ଲାରେ ସମନ୍ୱିତ ଆଞ୍ଚଳିକ ବିକାଶ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏକ ବିକଶିତ ଓଡ଼ିଶା କଥା ଚିନ୍ତାକଲେ ରାଜ୍ୟରେ ଉତ୍ପାଦନ ବୃଦ୍ଧି ଠାରୁ ଯୁବଶକ୍ତିଙ୍କୁ ବିଶେଷକରି ଯୁବ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ, ସବୁଜ ଶକ୍ତିର ସମୃଦ୍ଧି, କୃଷିର ଆଧୁନିକୀକରଣ, ପର୍ଯ୍ୟଟନ ବିକାଶ ଓ ପରିବହନ କ୍ଷେତ୍ରରେ ଲଜିଷ୍ଟିକ ସହ ଶିଶୁ ଓ ମହିଳା ସ୍ୱାସ୍ଥ୍ୟ ନୀତି ସହ ସାମଗ୍ରିକ ଡିଜିଟାଲ ସେବାର ଗୁରୁତ୍ୱ ରହିଛି। ଲୋକଙ୍କ ସରକାର ଯାହା କୁହାଯାଉଛି ତାହାକୁ ଏକ ବିଚାରରେ ଚିନ୍ତା କଲେ ଏହା ଆସିବ ସର୍ବପ୍ରଥମେ ଗାଁର ବିକାଶ, ଜନ ଆଧାରିତ ବିକାଶ, ପ୍ରଯୁକ୍ତି ବିଦ୍ୟାରେ ଉନ୍ନତି, ସାଂସ୍କୃତିକ ଅସ୍ମିତା, ଦାୟିତ୍ୱପୂର୍ଣ୍ଣ ଶାସନ ଆଦି ଯାହା ବିକଶିତ ଭାରତ ୨୦୪୭ ଓ ଓଡ଼ିଶା ଭିଜନ ୨୦୩୬, ୨୦୪୭ର ଲକ୍ଷ୍ୟ ସମ୍ଭବ ସମ୍ପର୍କରେ କିଛି ଭିତ୍ତି ପଡ଼ିଲା ପରି ଅନୁଭବ ହୋଇପାରିବ। ଆମେ ସେହି ମହାନ ଭାରତର ଜଣେ ଜଣେ ସନ୍ତାନ। ଆମ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂରଣ କଲାବେଳକୁ ଆମେ ଯେପରି ସ୍ୱଚ୍ଛ ନିର୍ମଳ ଶାସନ ଉନ୍ନତ ଭିତ୍ତିଭୂମି, ଦୃଢ଼ ଓ ସଶକ୍ତ ମାନବ ବିକାଶ ସହ ଗୌରବ, ସ୍ଥିରତା ଓ ନବସୃଜନ ହିଁ ଆମ ମାନଙ୍କର ଗର୍ବ ହେବା ଉଚିତ। ପୂର୍ଣ୍ଣ ଭାରତର ବିକାଶ ସହିତ ଓଡ଼ିଶାକୁ ଏକ ପୂର୍ଣ୍ଣ ବିକଶିତ କରିବା କ୍ଷେତ୍ରରେ ଆମ ସମସ୍ତଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୮୯୧୭୩୭୭୯୮୭

# ଦୁର୍ନୀତି ଲକ୍ଷ୍ମୀଙ୍କ ଉପାସକମାନେ

### ରଘୁନାଥ ମହାପାତ୍ର

ଆମ ହିନ୍ଦୁ ସମାଜରେ ଧନଧାନ୍ୟ ଓ ସୁଖ ସମୃଦ୍ଧି ଲାଭ ପାଇଁ ଲକ୍ଷ୍ମୀଙ୍କୁ ପୂଜା କରାଯାଏ। ଘରର ନବ ବଧୂମାନେ ହେଲେ ଗୃହଲକ୍ଷ୍ମୀ, ରାଜ ଉଆସରେ ପୂଜା ପାଉଥିବା ଦେବୀ ହେଲେ ରାଜଲକ୍ଷ୍ମୀ, ମନ୍ଦିରରେ ପୂଜା ପାଉଥିବା ଦେବୀ ହେଲେ ଶ୍ରୀଲକ୍ଷ୍ମୀ, ମହାଲକ୍ଷ୍ମୀ, କୁମାର ପୂର୍ଣ୍ଣମୀରେ ପୂଜା ପାଉଥିବା ଦେବୀ ହେଲେ ଗଜଲକ୍ଷ୍ମୀ। ଲକ୍ଷ୍ମୀଙ୍କର ଅନେକ ରୂପ ଅନେକ ନାମ ରହିଛି। ସାତ୍ତ୍ୱିକ ପୂଜା କଲେ ଲକ୍ଷ୍ମୀ ଯାହା ଦାନ କରନ୍ତି ସେଥିରେ ପରିବାରର ମଙ୍ଗଳ ହୁଏ କର୍ତ୍ତାଙ୍କର ଧନ ସଂପଦ ବୃଦ୍ଧି ଘଟେ। କିନ୍ତୁ ବର୍ତ୍ତମାନ ଯୁଗରେ ଆଉ ଲୋକମାନେ ଲକ୍ଷ୍ମୀଙ୍କର ସାତ୍ତ୍ୱିକ ପୂଜା ଉପାସନା କରି ଧନ ମାଗୁ ନାହାଁନ୍ତି। ଏ ସାତ୍ତ୍ୱିକ ପୂଜାର ଧନ ସାଧାରଣ ଭାବେ ଆସେ ସାଧାରଣ ଭାବେ ଖର୍ଚ୍ଚ ହୁଏ। କିନ୍ତୁ ଦୁର୍ନୀତିଗସ୍ତ ସରକାରୀ କର୍ମଚାରୀ, ରାଜନେତା ଏମାନେ ଅଳ୍ପ ଧନରେ ସନ୍ତୁଷ୍ଟ ନୁହଁନ୍ତି।

ଏମାନଙ୍କର ଉପାସନାର ଦେବୀ ହେଲେ ଦୁର୍ନୀତି ଲକ୍ଷ୍ମୀ। ଏମାନେ ଦୁର୍ନୀତି ଲକ୍ଷ୍ମୀଙ୍କ ଉପାସନା କରି ମାଗନ୍ତି ଟଙ୍କା ଦେ, ସୁନା ଦେ, ଭୂମି ଦେ, କୋଠା ଦେ, ଗାଡ଼ି ଦେ, ଘୋଡ଼ା ଦେ ଉଚ୍ଚପଦବୀ ଦେ। ଏମାନଙ୍କ ବ୍ୟାକୁଳତାରେ ଲକ୍ଷ୍ମୀ ମୃଦୁ ମୃଦୁ ହସନ୍ତି ଏବଂ ହାତ ଖୋଲି ଏମାନଙ୍କ କୋଳରେ ଟଙ୍କା, ସୁନା, ରୂପା, କୋଠା, ଜମି, ଗାଡ଼ି ସବୁ ଦେଇ ଦିଅନ୍ତି। ସେତେବେଳେ ଏହି ଦୁର୍ନୀତିର ଉପାସକମାନେ ଛାତି ଫୁଲେଇ, ନିଶ ଫୁଲେଇ ସେମାନଙ୍କର ପାରିବାର ପଣିଆ ଦେଖାନ୍ତି। ପିତା, ମାତା, ଭାଇ ବନ୍ଧୁ, ଶାଶୁ ଶଶୁର ସମସ୍ତେ ଚମତ୍କୃତ ହୁଅନ୍ତି କହି ବୁଲନ୍ତି ଆମ ପୁଅ ମନ୍ତ୍ରୀଙ୍କ ଡାହାଣ ହାତ ଯାହା ଚାହିଁବ ତାହା କରିପାରିବ। ସବୁ ବଡ଼ ବଡ଼ିଆ ହାତ ମୁଠାରେ, କେହି କିଛି କରିପାରିବେ ନାହିଁ। ଦୁର୍ନୀତି ଉପାର୍ଜିତ ଧନ ବଢ଼ି ବଢ଼ି ଚାଲେ ।ହଠାତ୍ ଦିନେ ଭୋର ଚାରିଟା ବେଳେ ବାବୁଙ୍କ ଘର ଚାରିକଡ଼ରେ ଘେରି ଯାଆନ୍ତି ପୁଲିସ ଦଳ। କଲିଙ୍ଗ ବେଲ ବାଜିଉଠେ, ବାବୁ ବିଛଣାରୁ ଉଠି ବାହାରି ଆସନ୍ତି ଦୋତାଲର ବାଲକୋନୀ ଉପରକୁ। ପୁଲିସ ଦଳ କବାଟ ଠକ ଠକ କରନ୍ତି ସାର କବାଟ ଖୋଲନ୍ତୁ। କୋର୍ଟରୁ ୱାରେଣ୍ଟ ଧରି ଆସୁଛୁ ଆପଣଙ୍କ ଘର ଖାନତଲାସ ହେବ। ବାବୁଙ୍କ ମୁହଁ କଳା କାଠ ପଡ଼ିଯାଏ। ପଳେଇ ଯିବାର ବାଟ ନାହିଁ। କବାଟ ଖୋଲିଯାଏ ପୁଲିସ ଦଳ ସବୁ ଘରକୁ ଜଗି ଯାଆନ୍ତି, ଚାଲେ ଖାନତଲାସ। ଆଲମାରି ଭିତରେ ପାଞ୍ଚ ଶହ ଟଙ୍କିଆର ନୋଟ ବିଡ଼ା ଥାକ ଥାକ ହୋଇ ଖୁନ୍ଦି ହୋଇଛି। ଆଇରନ ଚେଷ୍ଟ ଭିତରେ କିଲୋ କିଲୋ ସୁନାର ଗହଣା। ଭିଜିଲାନ୍ସ ବାଲାଙ୍କର ଆଖି ଖୋସି ହୋଇଯାଏ। ମେସିନି ଆଣି ଟଙ୍କା ଗଣାଯାଏ। କେଉଁଠି କୋଟିଏ ଭିତରତ କେଉଁଠି କୋଟି କୋଟିର ବଣ୍ଡଲ। କେବଳ ସେତିକି ନୁହେଁ ସହର ଭିତରେ ଅନେକ ପ୍ଲଟ କୋଠା, ଗାଡ଼ି ଆହୁରି ଅଚଳା ଚଳ ସମ୍ପତ୍ତିର କାଗଜପତ୍ର। କାହାର ରାଜ୍ୟ ବାହାରେ ତ କାହାର ଦେଶ ବାହାରେ ମଧ୍ୟ କୋଠା ବାଡ଼ି ଆହୁରି ମଧ୍ୟ ବ୍ୟାଙ୍କ ବାଲାନ୍ସ।

ସେତିକି ବେଳେ ଲକ୍ଷ୍ମୀ ଠାକୁରାଣୀ ସେ ଘର ଛାଡ଼ି ଚାଲିଯାଆନ୍ତି। ପ୍ରବେଶ କରନ୍ତି ଅଲକ୍ଷ୍ମୀ। ସକାଳୁ ସକାଳୁ ଧରା ପଡ଼ିଥିବା ବାବୁ ମାନଙ୍କ ଫଟୋ ସହିତ ଗଣମାଧ୍ୟମରେ ବାହାରି ପଡ଼େ ବଡ଼ ବଡ଼ ଖବର। ଦୁର୍ନୀତି ଗ୍ରସ୍ତ ତହସିଲଦାରଙ୍କ ଠାରୁ ପୁଲିସ ଅଫିସର, ଇଞ୍ଜିନିୟରଙ୍କ ଠାରୁ ସିଭିଲ ସପ୍ଲାଏ ଅଫିସର, ଫରେଷ୍ଟରଙ୍କ ଠାରୁ କେଡ଼େ କେଡ଼େ ବିଭାଗର ଟାଣୁଆ ଟାଣୁଆ ଅଫିସରଙ୍କ ନାମ ହାତ କଡ଼ି ପଡ଼ି ଯାଆନ୍ତି ଜେଲକୁ। ଏହି ବାବୁମାନେ କେବଳ ନିଜେ ଲଜ୍ଜିତ ହୁଅନ୍ତି ନାହିଁ। ପିତା, ମାତା, ଶାଶୁ ଶଶୁର, ଭାଇ, ବନ୍ଧୁ, ଆତ୍ମୀୟ ସ୍ୱଜନ ସମସ୍ତଙ୍କୁ ଲଜ୍ୟାରେ ବୁଡ଼ାଇ ଦିଅନ୍ତି। ସମସ୍ତଙ୍କ ମୁହଁ କଳା ପଡ଼ିଯାଏ। ଯେଉଁମାନେ ଦିନେ ତାଙ୍କୁ ମନ୍ତ୍ରୀଙ୍କ ଡାହାଣ ହାତ ବା ପାୱାରଫୁଲ ବଡ଼ ନେତା ବା ବଡ଼ ଅଫିସରଙ୍କ ପାଖ ଲୋକ ବୋଲି କହୁଥିଲେ ଏବେ କ'ଣ କହିବେ ସେ ଶବ୍ଦ ତାଙ୍କୁ ବୋଧେ ହୁଏ ମିଳୁନାହିଁ ।ହେ ଦୁର୍ନୀତି ଗ୍ରସ୍ତ ବାବୁମାନେ ତୁମେ ଯେଉଁ ଧନ ଚୋରୀ କରିଛ ସେ ଧନ ସରକାରଙ୍କର ନୁହେଁ। ସେ ଟଙ୍କା ହେଉଛି ସାଧାରଣ ଲୋକଙ୍କ ଟ୍ୟାକ୍ସ ଟଙ୍କା। ସାଧାରଣ ଲୋକଙ୍କ ଟଙ୍କାକୁ ଚୋରୀ କରି ତୁମ ବଡ଼ ଲୋକ ହେବାର ଯେଉଁ ସ୍ୱପ୍ନ ଦେଖୁଛ ତାହା ସଫଳ ହେବନାହିଁ। ଟଙ୍କା ପଇସା ଯିବ, ସୁନା ରୂପା, ଗହଣା ଯିବ ତୁମର ପେନସନ ବନ୍ଦ ହେବ ଶେଷରେ ପାଞ୍ଚ ବର୍ଷ କି ଦଶ ବର୍ଷ ଜେଲ ଭୋଗିବ। ତୁମର ଏହି ପାପ କର୍ମ ପାଇଁ ତୁମର ବଂଶଧର ମାନେ ନିନ୍ଦିତ ହେବେ, ଅପମାନିତ ହେବେ। ତୁମର ପୁଅ ଝିଅମାନେ ପାଠ ପଢ଼ି ଚାକିରି କଲାବେଳେ ଲୋକେ କହିବେ ବାପ ଚୋରୀ କରି ଜେଲ ଯାଇଥିଲା, ପିଲାମାନେ ଭଲ ହେବେ କେମିତି ? ଏହି ଅପବାଦ ତୁମ ବଂଶାନୁକ୍ରମିକ ପିଲାମାନଙ୍କ ଉପରେ ଲାଗି ରହିବ। ତୁମେ ନିଜେ ରକ୍ତଚାପ, କ୍ୟାନସର, ବିଭିନ୍ନ ରୋଗ ଓ ମାନସିକ ଚାପର ବିଭିନ୍ନ ବ୍ୟାଧି ପୀଡ଼ିତ ହୋଇ ବିଛଣାରେ ଛଟପଟ ହେବ। ତେଣୁ ହେ ଦୁର୍ନୀତିଗ୍ରସ୍ତ ବାବୁମାନେ ଏବେ ଠାରୁ ସାବଧାନ ରୁହ। ଯେତିକି ପାଇଛ ସେତିକିରେ ସନ୍ତୁଷ୍ଟ ରୁହ ନହେଲେ ଭବିଷ୍ୟତରେ କଲବଲ ଜୀବନ ଭୋଗ କରିବ।

ସତ୍ୟଶ୍ରୀନିବାସ, ତାରାଚାନ୍ଦ ପାଟଣା, କଟକ, ଦୂରଭାଷ : ୯୨୩୮୬୩୨୭୫୦



# ନୀରବତାରେ ମହାନ ରାଷ୍ଟ୍ର ଗଠନ ହୋଇନଥାଏ

**ନୂଆଦିଲ୍ଲୀ,୧୯।୧(ଏଜେନ୍ସି):** ବିରୋଧୀ ଦଳ ନେତା ତଥା ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧି ସବୁବେଳେ ବିଜେପି ଏବଂ ଆରଏସଏସକୁ ସମାଲୋଚନା କରିଥାନ୍ତି । ଏହାସହ ବ୍ୟବସ୍ଥାକୁ ନେଇ ମଧ୍ୟ ଅନେକ ପ୍ରଶ୍ନ ଉଠାଇଥାନ୍ତି । ପୁଣିଥରେ ଟାର୍ଗେଟ କରି ରାହୁଲ ଗାନ୍ଧି କହିଛନ୍ତି କି, ଦେଶରେ ଆମେ ଏମିତି ଅନେକ ଲୋକ ରହିଛନ୍ତି ଯେଉଁମାନେ ସବୁ ଦେଖୁଛନ୍ତି କିନ୍ତୁ କିଛି କହିବାର ସାହସ ରଖୁ ନାହାନ୍ତି । କିନ୍ତୁ ନୀରବତାରେ ମହାନ ରାଷ୍ଟ୍ର ଗଠନ ହୋଇନଥାଏ । ମହାନ ରାଷ୍ଟ୍ର ଗଠନ କରିବା ପାଇଁ ନିଜର ଚିନ୍ତାଧାରା ଏବଂ ମତ ପ୍ରକାଶ ସହ ଲଢ଼େଇ କରିବାକୁ ପଡ଼ିଥାଏ । ରାହୁଲ ଗାନ୍ଧି ନିଜର ଅଭିଭାଷଣରେ ଏହା ମଧ୍ୟ କହିଛନ୍ତି କି, ନୀରବତାର ସଂସ୍କୃତି ଲୋଭର ଧାରଣାକୁ ଲୁଚାଇ ରଖେ । ଭାବନା ଏହା ହେବା ଜରୁରୀ କି, ଯେପର୍ଯ୍ୟନ୍ତ ମୋତେ ଆବଶ୍ୟକ ହେଉଥିବା ଜିନିଷ ନମିଳିଛି । ସେପର୍ଯ୍ୟନ୍ତ ଆମକୁ କିଛି ଫରକ ପଡ଼ିନଥାଏ କି, କଣ ହେଉଛି ।



ମୋତେ କିଛି କହିବା ଜରୁରୀ ନାହିଁ । ମୁଁ ଲୋକମାନଙ୍କୁ ଅପମାନିତ ହେଉଥିବା, ଲୋକମାନେ ମରୁଥିବା, ଲୋକମାନଙ୍କୁ ହତ୍ୟା କରାଯାଉଥିବାର ଦେଖିପାରୁଛି । ଯେପର୍ଯ୍ୟନ୍ତ ମୁଁ ଠିକ୍ ଅଛି, ସବୁକିଛି ଠିକ୍ ଅଛି । ଲୋଭର ଏପରି ସଂସ୍କୃତି ଏକ ଦେଶକୁ ମହାନ କରିପାରିବ ନାହିଁ । ଏଭଳି କଡ଼ା ଭାଷାରେ ସମାଲୋଚନା କରିଛନ୍ତି ରାହୁଲ । କେରଳ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଅନୁଷ୍ଠିତ ବିଜୟୋତ୍ସବ ୨୦୨୬ ମହାପଞ୍ଚାୟତକୁ ଉଦଘାଟନ କରିଛନ୍ତି ରାହୁଲ । ଏହି କାର୍ଯ୍ୟକ୍ରମରେ ସେ ଯୋଗ ଦେଇଥିଲେ । ଏହି ଅବସରରେ ଏଭଳି ନିଜର ପ୍ରତିକ୍ରିୟା ରଖିଛନ୍ତି । କୋଚିର ମାରିନ୍ ଡ୍ରାଇଭରେ ଅନୁଷ୍ଠିତ ୟୁଡିଏଫ୍ ମହା ପଞ୍ଚାୟତରେ ପ୍ରାୟ ୧୫,୦୦୦ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ସ୍ଥାନୀୟ ସଂସ୍ଥା ନିର୍ବାଚନର ବିଜୟୀ ଏବଂ ପରାଜିତ ପ୍ରାର୍ଥୀମାନଙ୍କୁ ଦଳର ଭବିଷ୍ୟତ ଯୋଜନା ବିଷୟରେ ଅବଗତ କରାଇବା ଏବଂ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତି ପାଇଁ ଦଳୀୟ କର୍ମୀମାନଙ୍କୁ ଉତ୍ସାହିତ କରିବା । ତେବେ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଶଶି ଥରୁର ମଧ୍ୟ ଉପସ୍ଥିତ ଥିଲେ ।

# ୭ ଭାଷା ପାଇଁ ତାମିଲନାଡୁ ସାହିତ୍ୟ ପୁରସ୍କାର ଘୋଷଣା କଲେ ଷ୍ଟାଲିନ

**ନୂଆଦିଲ୍ଲୀ,୧୯।୧(ଏଜେନ୍ସି):** ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ ଘୋଷଣା କରିଛନ୍ତି ଯେ, ତାମିଲନାଡୁ ସରକାର କିଛି ଭାରତୀୟ ଭାଷାରେ ଉତ୍କୃଷ୍ଟ କୃତି ପାଇଁ ଜାତୀୟ ସ୍ତରୀୟ ସାହିତ୍ୟ ପୁରସ୍କାର ପ୍ରତିଷ୍ଠା କରିବେ । ଚେନ୍ନାଇ ଆନ୍ତର୍ଜାତୀୟ ପୁସ୍ତକ ମେଳା (ସିଆଇବିଏଫ୍)ରେ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଛନ୍ତି । ଡିସେମ୍ବର ମାସରେ କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟର ହସ୍ତକ୍ଷେପ ପରେ ସାହିତ୍ୟ ଏକାଡେମୀ ପୁରସ୍କାର ୨୦୨୫ ରଦ୍ଦ କରାଯିବା ପରେ ଷ୍ଟାଲିନ ଏଭଳି ଘେଶୋ କରିଛନ୍ତି । ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟ ସରକାର କିଛି ଭାରତୀୟ ଭାଷାରେ ପ୍ରକାଶିତ ଉତ୍କୃଷ୍ଟ ସାହିତ୍ୟିକ କୃତି ପାଇଁ ବାର୍ଷିକ ଜାତୀୟ ସ୍ତରୀୟ ସମ୍ମାନ 'ସେମ୍ମୋଝି ସାହିତ୍ୟିକ ପୁରସ୍କାର' ପ୍ରଦାନ କରିବେ । ପ୍ରଥମ ପର୍ଯ୍ୟାୟରେ, ତାମିଲ, ତେଲୁଗୁ, କନ୍ନଡ, ମାଲାୟଲମ, ଓଡ଼ିଆ, ବଙ୍ଗାଳୀ ଓ ମରାଠୀ ଭାଷାରେ ଲେଖାଗୁଡ଼ିକୁ ସ୍ୱୀକୃତି ଦିଆଯିବ । ପ୍ରତ୍ୟେକ ପୁରସ୍କାର ପାଇଁ ୫ ଲକ୍ଷ ଟଙ୍କାର ନଗଦ ଦିଆଯିବ । ସ୍ୱଚ୍ଛତା ସୁନିଶ୍ଚିତ କରିବା ଓ ସାହିତ୍ୟିକ ମାନଦଣ୍ଡ ବଜାୟ ରଖିବା ପାଇଁ, ପ୍ରତ୍ୟେକ ଭାଷା ଲାଗି ପ୍ରଖ୍ୟାତ ଲେଖକ ତଥା ପୁରସ୍କାର ବିଜେତା ଲେଖକମାନଙ୍କୁ ନେଇ ପୃଥକ ପୃଥକ ଚୟନ କମିଟି ଗଠନ କରାଯିବ ବୋଲି ସେ କହିଛନ୍ତି । ସାହିତ୍ୟ ଏକାଡେମୀ ପୁରସ୍କାର ଘୋଷଣା ଆଦୌ ହେବ କି ନାହିଁ ତାହା ଅନିଶ୍ଚିତ ବୋଲି ଉଲ୍ଲେଖ କରି ଷ୍ଟାଲିନ୍ କଳା ଓ ସାହିତ୍ୟ ପୁରସ୍କାରରେ ରାଜନୈତିକ



ହସ୍ତକ୍ଷେପକୁ ବିପଜ୍ଜନକ ବୋଲି କହିଛନ୍ତି । ଲେଖକ ଓ ସାହିତ୍ୟ ସଂଗଠନର ପ୍ରତିନିଧିମାନେ ରାଜ୍ୟ ସରକାରଙ୍କୁ ଗଠନମୂଳକ ଭାବରେ ପ୍ରତିକ୍ରିୟା ଦେବାକୁ ସେ ଅନୁରୋଧ କରିଛନ୍ତି । ଚେନ୍ନାଇ ଆନ୍ତର୍ଜାତୀୟ ପୁସ୍ତକ ମେଳାର ପ୍ରଶଂସା କରି ଷ୍ଟାଲିନ୍ କହିଛନ୍ତି ଯେ ସାହିତ୍ୟିକ ଅଧିକାରର ଆଦାନପ୍ରଦାନକୁ କେବଳ ବ୍ୟବସାୟ ଭାବରେ ନୁହେଁ ବରଂ ଭାଷାଗୁଡ଼ିକ ମଧ୍ୟରେ ଏକ ସାଂସ୍କୃତିକ ହାତ ମିଳାଇବା ଭାବରେ ଦେଖାଯିବା ଉଚିତ । ସଙ୍ଗମ ସାହିତ୍ୟରୁ ଆଧୁନିକ ଲେଖା ପର୍ଯ୍ୟନ୍ତ, ତାମିଲ ପୁସ୍ତକଗୁଡ଼ିକ ବିଶ୍ୱ ଦର୍ଶକଙ୍କ ପାଖରେ ପହଞ୍ଚିବା ଆବଶ୍ୟକ । ତାମିଲନାଡୁ କେବଳ ବ୍ୟବସାୟିକ ନିବେଶ ପାଇଁ ଏକ ଅନୁକୂଳ ସ୍ଥାନ ନୁହେଁ, ବରଂ ବୌଦ୍ଧିକ ଆଦାନପ୍ରଦାନ ଓ ଜ୍ଞାନ ଆଦାନପ୍ରଦାନ ପାଇଁ ମଧ୍ୟ ଏକ ସ୍ଥାନ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ବିଜେପିରେ ନୂଆ ଯୁଗ

# ରାଷ୍ଟ୍ରୀୟ ଅଧକ୍ଷ ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କଲେ ନୀତିନ ନବୀନ

**ନୂଆଦିଲ୍ଲୀ,୧୯।୧(ଏଜେନ୍ସି):** ବିଜେପିର କାର୍ଯ୍ୟକାରୀ ରାଷ୍ଟ୍ରୀୟ ଅଧକ୍ଷ ନୀତିନ ନବୀନ ଦଳର ରାଷ୍ଟ୍ରୀୟ ଅଧକ୍ଷ ପଦ ପାଇଁ ତାଙ୍କର ନାମାଙ୍କନ ଦାଖଲ କରିଛନ୍ତି । ଗୃହମନ୍ତ୍ରୀ ଅମିତ ଶାହ,ଗୃହମନ୍ତ୍ରୀ ରାଜନାଥ ସିଂହ ନୀତିନ ନବୀନଙ୍କ ନାମାଙ୍କନ ପତ୍ର ରିଟର୍ଣ୍ଣିଂ ଅଫିସର କେ. ଲକ୍ଷ୍ମଣଙ୍କ ନିକଟରେ ଦାଖଲ କରିଛନ୍ତି । ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ସେ ତିନୋଟି ପୃଥକ ସେଟ୍ ଦାଖଲ କରିଛନ୍ତି । ନୀତିନଙ୍କ ନିର୍ବିରୋଧ ରାଷ୍ଟ୍ରୀୟ ଅଧକ୍ଷ ନିର୍ବାଚନ ପ୍ରାୟ ନିଶ୍ଚିତ । କେବଳ ତାଙ୍କ ନାମକୁ ନେଇ ଆନୁଷ୍ଠାନିକ ଘୋଷଣା ବାକି ଅଛି । ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୧୧ଟାରେ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଭାବରେ ନୀତିନ ନବୀନଙ୍କ ନାମ ଆନୁଷ୍ଠାନିକ ଭାବରେ ଘୋଷଣା କରାଯାଇପାରେ । ଘୋଷଣା ପରେ, ତାଙ୍କୁ ଦଳୀୟ ମୁଖ୍ୟାଳୟରେ ସ୍ୱାଗତ ସ ସମ୍ବର୍ଦ୍ଧନା



ଦିଆଯିବ । ସେଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅନ୍ୟ ନେତାମାନେ ତାଙ୍କୁ ରାଷ୍ଟ୍ରୀୟ ଅଧକ୍ଷଙ୍କ କାର୍ଯ୍ୟାଳୟକୁ ନେଇ ଶପଥ ପାଠ କରାଇବେ । ବିଜେପି ରାଷ୍ଟ୍ରୀୟ ଅଧକ୍ଷ ତିନି ବର୍ଷ ପାଇଁ ନିର୍ବାଚିତ ହୋଇଥାନ୍ତି । ତେବେ ଦଳର ହାଇକମାଣ୍ଡ ଚାହିଁଲେ ଅତିରିକ୍ତ ତିନି ବର୍ଷ ପାଇଁ ରାଷ୍ଟ୍ରୀୟ ଅଧକ୍ଷ ଏହି ପଦବୀରେ ରହିପାରିବେ । ଉଲ୍ଲେଖଯୋଗ୍ୟ, ନୀତିନ ନବୀନ ବର୍ତ୍ତମାନ ଦଳର କାର୍ଯ୍ୟକାରୀ ରାଷ୍ଟ୍ରୀୟ ଅଧକ୍ଷ ଅଛନ୍ତି । ସେ ବିହାରର ଜଣେ ପ୍ରମୁଖ ବିଜେପି ନେତା । ସେ ବାଙ୍କିପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ପାଞ୍ଚ ଥର ବିଧାୟକ ଥିବା ସ୍ୱର୍ଗତ ନବୀନ କିଶୋର ପ୍ରସାଦ ସିହ୍ନାଙ୍କ ପୁଅ । ଛତିଶଗଡ଼ର ବିଜେପି ପ୍ରଭାରୀ ଭାବରେ ସେ କାର୍ଯ୍ୟ କରିଛନ୍ତି ଓ ଭାରତୀୟ ଜନତା ଯୁବ ମୋର୍ଚ୍ଚା (ବିଜେୱାଇଏମ୍)ର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ପଦରେ ମଧ୍ୟ କାର୍ଯ୍ୟ କରିଛନ୍ତି । ସେ ବିହାରରେ ସଡ଼କ ନିର୍ମାଣ, ନଗର ଉନ୍ନୟନ ଏବଂ ଗୃହ ନିର୍ମାଣ ଏବଂ ଆଇନ ମନ୍ତ୍ରୀ ସମେତ ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟ କରିଛନ୍ତି । ୪୫ ବର୍ଷ ବୟସରେ ରାଷ୍ଟ୍ରୀୟ ଅଧକ୍ଷ ହେବାରେ ବିଜେପି ଇତିହାସରେ ସେ ପ୍ରଥମ ନେତା ।

# ୨୦୨୬ ଶେଷ ସୁଦ୍ଧା ଭାରତକୁ ମିଳିପାରେ ଅତ୍ୟାଧୁନିକ ଏସୟୁ- ୭୫ ଯୁଦ୍ଧବିମାନ

**ନୂଆଦିଲ୍ଲୀ,୧୯।୧(ଏଜେନ୍ସି):** ଭାରତୀୟ ପ୍ରତିରକ୍ଷା କ୍ଷେତ୍ର ପାଇଁ ଖୁସି ଖବର । ମିଗ୍-୨୯ ଯୁଦ୍ଧ ବିମାନ ପୁରୁଣା ହେଉଥିବାବେଳେ ଭାରତ ରୁଷ୍ଠାରୁ ଖୁବଶୀଘ୍ର ନୂଆ ଲୁଆ ଯୁଦ୍ଧ ବିମାନ କିଣିବାକୁ ଯାଉଛି । ଭାରତ ରୁଷର ଅତ୍ୟାଧୁନିକ ଏସ୍ୟୁ- ୭୫ ଚେକମେଟ୍ ଯୁଦ୍ଧବିମାନ ଆଣିବାକୁ ଲକ୍ଷ୍ୟ ରଖିଛି । ଏଥିରେ ଉନ୍ନତ ଷ୍ଟିଲ୍ଥ, ରାଡାର ଏବଂ ଇଲେକ୍ଟ୍ରୋନିକ୍ ଯୁଦ୍ଧ ପ୍ରଣାଳି ରହିବାର ଆଶା କରାଯାଉଛି । ୨୦୨୬ ଶେଷ ସୁଦ୍ଧା ଏହାର ନୂତନ ପଞ୍ଚମ ପିଢ଼ିର ଲଢୁଆ ଯୁଦ୍ଧ ବିମାନ ଏସ୍ୟୁ- ୭୫ ଚେକମେଟ୍ର ପ୍ରଥମ ଉଡ଼ାଣ କରିବ ବୋଲି ରୁଷ୍ ଘୋଷଣା କରିଛି । ଏହି ବିମାନକୁ ପୁରୁଣା ମିଗ୍-୨୯ ଯୁଦ୍ଧ ବିମାନର ଏକ ଆଧୁନିକ ବିକଳ୍ପ ଭାବରେ ବିକଶିତ କରାଯାଉଛି । ତଥ୍ୟ ଅନୁଯାୟୀ, ଏସ୍ୟୁ-୭୫ ରେଡିଏସନ୍-ନିରୋଧୀ କ୍ଷେପଣାସ୍ତ୍ର ଏବଂ ଅନ୍ୟାନ୍ୟ ଆଧୁନିକ ଅସ୍ତ୍ରଶସ୍ତ୍ର ବହନ କରିପାରିବ । ଏହା ମିଗ୍-୨୯ ତୁଳନାରେ ଅଧିକ ଦ୍ରୁତଗାମୀ ତଥା ରେଞ୍ଜ ବିଶିଷ୍ଟ ହେବ ବୋଲି ମଧ୍ୟ ଆଶା କରାଯାଉଛି । ରୁଷ୍ ଅଧିକାରୀମାନେ କହିଛନ୍ତି ଯେ, ଏହି ଜେଟ୍ ପଞ୍ଚମ ପିଢ଼ିର ଭାରି ଯୁଦ୍ଧବିମାନ ତୁଳନାରେ ହାଲୁକା, ଅଧିକ ଦକ୍ଷ ଏବଂ ଅଧିକ ସୁଲଭ



ହେବା ପାଇଁ ଡିଜାଇନ୍ କରାଯାଇଛି । ୨୦୨୬ରେ ଏସ୍ୟୁ-୭୫ ଏହାର ପ୍ରଥମ ଉଡ଼ାଣ ଭରିବ, ତେବେ ରୁଷ୍ ପକ୍ଷରୁ ଏନେଇ କେଣସି ନିର୍ଦ୍ଦିଷ୍ଟ ତାରିଖ ଘୋଷଣା କରାଯାଇନାହିଁ । ୨୦୨୧ ଏମଏକେଏସ୍ ଏୟାର ସୋ' ପରେ ଏସ୍ୟୁ-୭୫ର ଏହା ପ୍ରଥମ ଉଡ଼ାଣ ହେବ ବୋଲି ଇଜଭେଷ୍ଟିଆ ରିପୋର୍ଟରେ କୁହାଯାଇଛି । ରୁଷର ପ୍ରତିରକ୍ଷା ଶିଳ୍ପ ଉପରେ କଟକଣା ସତ୍ତ୍ୱେ ରୁଷ୍ ଏହାର ଉତ୍ପାଦନ କ୍ଷମତା ଆଗକୁ ବଢାଇ ପାରିବ କି ନାହିଁ ତାହା ଏହି ଉଡ଼ାଣ ପ୍ରମାଣିତ କରିବ । ଏସୟୁ ୭୫କୁ ଏସୟୁ ୫୭ଠାରୁ ହାଲୁକା ଭାବେ ନିର୍ମାଣ କରିବାକୁ ଯୋଜନା ରଖିଥିଲା ।ତେବେ ଏସୟୁ -୭୫କୁ ଅନ୍ୟ ଦେଶକୁ ରପ୍ତାନି କରିବା ଲକ୍ଷ୍ୟରେ ରୁଷ୍ ପ୍ରସ୍ତୁତ କରିଛି । ରୁଷ୍ ଏହି ଜେଟ୍ କମ୍ ରାଡାର ଦୃଶ୍ୟମାନତା ଏବଂ ଉନ୍ନତ ଏଭିଓନିକ୍ସ ସହିତ ଆଧୁନିକ ଯୁଦ୍ଧବିମାନ ଚାହୁଁଥିବା ଦେଶମାନଙ୍କ ପାଇଁ ବିକଶିତ କରୁଛି । ତେବେ ୟୁକ୍ରେନ ସହିତ ଯୁଦ୍ଧ ତଥା ଆନ୍ତର୍ଜାତିକ କଟକଣା ମଧ୍ୟରେ ଏସୟୁ-୭୫ର ବିକାଶ ସହଜ ନଥିଲା । ବହୁ ବର୍ଷ ପରେ ଏକକ ଇଞ୍ଜିନ୍ ଫାଇଟର ନିର୍ମାଣ କରିବା ମଧ୍ୟ ବୈଷୟିକ ଏବଂ ଶିଳ୍ପ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା । ଯଦିଓ କୌଣସି ସରକାରୀ ନିଷ୍ପତ୍ତି ଘୋଷଣା କରାଯାଇନାହିଁ, ତେବେ ଏସୟୁ-୭୫ ଚେକମେଟ୍ ପ୍ରଦାନ କରାଯାଉଥିବା ଦେଶମାନଙ୍କ ମଧ୍ୟରେ ଭାରତ ରହିଛି ଏବଂ ଭାରତ ମଧ୍ୟ ଏହା ଉପରେ ନଜର ରଖିଛି ।

# ବେଲଗାମ୍ ସୁନା ରୁପା ଦର

**ନୂଆଦିଲ୍ଲୀ,୧୯।୧(ଏଜେନ୍ସି):** ସୁନା ରୁପା ଦର ଲଗାମହୀନ ଭାବେ ବଢି ଚାଲିଛି । ଦିନକୁ ଦିନ ଏହିଦୁଇ ମୂଲ୍ୟବାନ ଧାତୁର ଦାମ୍ ନୂଆ ରେକର୍ଡ କରୁଛି । ଏହି କ୍ରମରେ ସୋମବାର ବଜାରରେ ୨୪ କ୍ୟାରେଟ୍ ସୁନାର ୧୦ ଗ୍ରାମ୍ ପିଛା ମୂଲ୍ୟ ୧୯୧୦ ଟଙ୍କା ବୃଦ୍ଧି ପାଇ ନୂଆ ରେକର୍ଡ ୧,୪୫,୬୯୦ ଟଙ୍କାରେ ପହଞ୍ଚିଛି । ସେହିଭଳି ୨୨ କ୍ୟାରେଟ୍ ସୁନାର ୧୦ ଗ୍ରାମ୍ ପିଛା ଦର ୧୭୫୦ ଟଙ୍କା ବୃଦ୍ଧି ଘଟି ୧,୩୩,୫୫୦ ଟଙ୍କା ଛୁଇଁଛି ।୨୦୨୬ ମସିହାର ପ୍ରଥମ ୧୯ ଦିନରେ ସୁନା ଦର ପାଖାପାଖି ୮ ପ୍ରତିଶତ ବୃଦ୍ଧି ପାଇଛି । ଜାନୁଆରି ପହିଲାରେ ୨୪ କ୍ୟାରେଟ୍ ସୁନା ଦର ୧,୩୫,୦୬୦ ଟଙ୍କା ଥିଲା । ତେଣୁ ଗତ ୧୯ ଦିନରେ ଏହାର ଦର ୧୦,୬୩୦ ଟଙ୍କା ବଢ଼ିଯାଇଛି । ସେହିଭଳି ୨୨ କ୍ୟାରେଟ୍ ସୁନା ଦର ଜାନୁଆରି ପହିଲାରେ ୧,୨୩,୮୦୦ ଟଙ୍କା ଥିଲା । ତେଣୁ ୨୨ କ୍ୟାରେଟ୍ ସୁନା ଦାମ୍ ଇତିମଧ୍ୟରେ ୯୭୫୦ ଟଙ୍କା ମହଙ୍ଗା ହୋଇଯାଇଛି ।ସୁନା ତୁଳନାରେ ରୁପା ଦର ଦ୍ରୁତମାତ୍ରାରେ ବୃଦ୍ଧି ପାଉଛି । ସୋମବାର ବଜାରରେ ରୁପା ଦର କିଲୋଗ୍ରାମ୍ ପିଛା ୮୦୦୦ ଟଙ୍କା ବୃଦ୍ଧି ପାଇ ନୂଆ ରେକର୍ଡ ୩,୧୮,୦୦୦ ଟଙ୍କା ଛୁଇଁଛି ।

# ଗ୍ରିନଲାଣ୍ଡ ନେଇ ଆମେରିକା ସହ ଆଲୋଚନା ଜାରି ରଖିବାକୁ କହିଲେ ଡେନମାର୍କ ମନ୍ତ୍ରୀ

**ନୂଆଦିଲ୍ଲୀ,୧୯।୧(ଏଜେନ୍ସି):** ଗ୍ରିନଲାଣ୍ଡକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଧମକ ଦେଇଛନ୍ତି । ଏସମ୍ପର୍କରେ ଡେନମାର୍କର ବୈଦେଶିକ ମନ୍ତ୍ରୀ ଲାର୍ସ ଲୋକ୍କେ ରାସମୁସେନ କହିଛନ୍ତି, ଡେନମାର୍କ ଆମେରିକା ସହିତ କୂଟନୈତିକ ସମ୍ପର୍କ ଜାରି ରଖିବ । ଡେନମାର୍କ, ଗ୍ରିନଲାଣ୍ଡ ଓ ଆମେରିକା ମଧ୍ୟରେ ବୁଧବାର ଏକ କାର୍ଯ୍ୟ ଗୋଷ୍ଠୀ ପ୍ରତିଷ୍ଠା ପାଇଁ ନୂଆ ଚୁକ୍ତିନାମା ହୋଇଛି ବୋଲି ସେ ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି ଆମେ ଆରମ୍ଭରୁ ଅନୁରୋଧ କରିଆସୁଛୁ ଯେ, ଆମର ଆମେରିକୀୟ ସହଯୋଗୀ ଓ ବନ୍ଧୁମାନଙ୍କ ସହିତ ଏକ ଗଠନମୂଳକ ଆଲୋଚନା କରାଯାଉ । ଆମେ ଗତ ସପ୍ତାହରେ ଏସମ୍ପର୍କରେ ଆଲୋଚନା ଆରମ୍ଭ କରିଥିଲୁ । ଆମେ ହାର୍ ମାନିବୁ ନାହିଁ । ମୋର ଆମେରିକୀୟ ଉପ-ରାଷ୍ଟ୍ରପତିଙ୍କ ସହ ଏକ ଚୁକ୍ତି ହୋଇଛି । ପ୍ରେସ୍ ମୁଖପାତ୍ରଙ୍କ କଥା ଶୁଣିବା ପରେ ଏହାକୁ ପୁନଃନିଶ୍ଚିତ କରାଯାଇଥିଲା । ଆମେରିକା କୌଣସିଭିନ୍ନ ନିଷ୍ପତ୍ତି ନନେବା ପର୍ଯ୍ୟନ୍ତ ଆମ ସ୍ଥିତାବସ୍ଥା ବଜାୟ ରଖିବୁ । ୟୁରୋପୀୟ ସଂଘର ରାଷ୍ଟ୍ରଦୂତମାନେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କୁ ୟୁରୋପୀୟ ସହଯୋଗୀମାନଙ୍କ ଉପରେ ଶୁଳ୍କ ଲାଗୁ ନକରିବା ପାଇଁ ରାଜି କରାଇବା ପାଇଁ ପ୍ରୟାସ କରିବାକୁ ସହମତ ହୋଇଛନ୍ତି ।



ଯଦି ଶୁଳ୍କ ଲାଗୁ କରାଯାଏ ତେବେ ପରିଣାମ ପାଇଁ ମଧ୍ୟ ପ୍ରସ୍ତୁତ ହେବାକୁ ଆମେରିକା ଉଦ୍ଦେଶ୍ୟରେ ଚେତାବନୀ ଦେଇଛନ୍ତି । ଟ୍ରମ୍ପ ଶନିବାର କହିଥିଲେ, ଆମେରିକାକୁ ଗ୍ରିନଲାଣ୍ଡ କିଣିବାକୁ ଅନୁମତି ନମିଳିଲେ ଆମେ ୧ ଫେବୃଆରିରୁ ଡେନମାର୍କ, ସ୍ୱିଡେନ, ଫ୍ରାନ୍ସ, ଜର୍ମାନୀ, ନେଦରଲାଣ୍ଡ, ଫିନଲାଣ୍ଡ, ବ୍ରିଟେନ ଓ ନରୱେ ଉପରେ ଶୁଳ୍କ ବୃଦ୍ଧି କରିବୁ । ବୃଦ୍ଧି ପାଉଥିବା ଉତ୍ତେଜନା ମଧ୍ୟରେ, ନାଟୋର ଅନେକ ସହଯୋଗୀଙ୍କ ଉପରେ ଶୁଳ୍କ ଧମକ ନେଇ ଇୟୁ ରାଷ୍ଟ୍ରଦୂତମାନେ ଏକ ଜରୁରୀକାଳୀନ ବୈଠକ କରିଥିଲେ । ୟୁକେ, ଜର୍ମାନୀ ଓ ଫ୍ରାନ୍ସ ସମେତ ଆଠଟି ୟୁରୋପୀୟ ଦେଶ ଏକ ମିଳିତ ବିବୃତି ଜାରି କରି ଚେତାବନୀ ଦେଇଛନ୍ତି ଯେ, ଶୁଳ୍କ ଧମକ ଟ୍ରାନ୍ସଆଟଲାଣ୍ଟିକ୍ ସମ୍ପର୍କକୁ ଦୁର୍ବଳ କରିବ । ଆମେ ଏକଜୁଟ ଭାବେ ମୁକାବିଲା କରିବୁ । ନାଟୋ ସେକ୍ରେଟାରୀ ଜେନେରାଲ ମାର୍କ ରୁଟ୍ କହିଛନ୍ତି , ଟ୍ରମ୍ପଙ୍କ ସହ ଗ୍ରିନଲାଣ୍ଡ ପ୍ରସଙ୍ଗ ଉପରେ ମୁଁ ଆଲୋଚନା କରିଛି । ଆମେ ଏହା ଉପରେ କାମ ଜାରି ରଖିବୁ । ମୁଁ ଚଳିତ ସପ୍ତାହ ଶେଷରେ ଡାଭୋସରେ ତାଙ୍କୁ ଭେଟିବାକୁ ଅପେକ୍ଷା କରିଛି । ୟୁରୋପୀୟ ପରିଷଦ ସଭାପତି ଆଣ୍ଟୋନିଓ କୋଷ୍ଟା ଆଗାମୀ ଦିନରେ ଆମେରିକା-ୟୁରୋପ ଉତ୍ତେଜନା ନେଇ ଏକ ଅସାଧାରଣ ପରିଷଦ ବୈଠକ ଡାକିବାକୁ ଘୋଷଣା କରିଛନ୍ତି ।

# ଆମେରିକାର ଧମକ ପରେ ଗ୍ରିନଲାଣ୍ଡକୁ ସେନା ପଠାଇଲେ ୭ଟି ଦେଶ

**ୱାସିଂଟନ,୧୯।୧(ଏଜେନ୍ସି):** ଗ୍ରିନଲାଣ୍ଡକୁ ଦଖଲ କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକ ପରେ ୟୁରୋପୀୟ ଦେଶ ଏହା ବିରୋଧରେ ଏକାଠି ହୋଇଛନ୍ତି । ନାଟୋ ଦେଶର ସଦସ୍ୟମାନେ 'ଅପରେସନ ଆର୍କଟିକ ଏଣ୍ଡୁରାନ୍ସ' ନାମରେ ଯୁଗ୍ମ ସାମରିକ ଅଭିଯାନ ଆରମ୍ଭ କରିଛନ୍ତି । ଏହି ଅପରେସନ ପାଇଁ ଫ୍ରାନ୍ସ ଏହାର ୨୭ ତମ ମାଉଣ୍ଟେନ ଇନଫାଣ୍ଟ୍ରି ବ୍ରିଗେଡର ୧୫ ଜଣ ସୈନ୍ୟଙ୍କୁ ଗ୍ରିନଲାଣ୍ଡ ପଠାଇଛି । ଜର୍ମାନୀ ୧୩ ଜଣ ସୈନ୍ୟ ଗ୍ରିନଲାଣ୍ଡକୁ ପଠାଇଛି । ନରୱେ, ନେଦରଲାଣ୍ଡ ଓ ଫିନଲାଣ୍ଡ ୨ ଜଣ ଲେଖାଏଁ ସେନ୍ୟ ପଠାଇଛନ୍ତ । ବ୍ରିଟେନ୍ ଜଣେ ମିଲିଟାରୀ ଅଫିସରଙ୍କୁ ପଠାଇଛି । ସ୍ୱିଡେନ ମଧ୍ୟ ଗ୍ରିନଲାଣ୍ଡକୁ ସେନ୍ୟ ପଠାଇବ ବୋଲି କହିଛି । ତେବେ ସ୍ୱିଡେନ କେତେ ସୈନ୍ୟ ପଠାଇବ ତାହା ସ୍ପଷ୍ଟ କରିନାହିଁ । ଡେନମାର୍କ ସେନା ସହିତ ୟୁରୋପୀୟ ଦେଶର ୩୫-୪୦ ସୈନ୍ୟ ଗ୍ରିନଲାଣ୍ଡ ପହଞ୍ଚିଛନ୍ତି । ଅନ୍ୟପକ୍ଷରେ ଇଟାଲିର ପ୍ରତିରକ୍ଷା ମନ୍ତ୍ରୀ ଗୁଇଡୋ କ୍ରୋସେଟୋ ଏହି ପୂରା ଅପରେସନକୁ ଉପହାସ ବୋଲି କହି ପ୍ରତ୍ୟାଖ୍ୟାନ କରିଛନ୍ତି । ପୋଲାଣ୍ଡ, ଇଟାଲି ଓ ତୁର୍କୀ ଗ୍ରିନଲାଣ୍ଡକୁ ସୈନ୍ୟ ପଠାଇବାକୁ ମନା କରିଦେଇଛନ୍ତି । ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋଁ କହିଛନ୍ତି, ଆଗାମୀ ଦିନରେ ଗ୍ରିନଲାଣ୍ଡକୁ ସ୍ଥଳ ମାର୍ଗ, ଆକାଶ ତଥା ସମୁଦ୍ର ମାର୍ଗରେ ଅଧିକ ସୈନ୍ୟ ପଠାଯିବ । ସେନ୍ୟ ସଂଖ୍ୟା କମ୍ ଥିଲେ ମଧ୍ୟ ଗ୍ରିନଲାଣ୍ଡ ପ୍ରସଙ୍ଗରେ ନାଟୋ ସଦସ୍ୟ ଏକାଠି ଥିବା ଏହା ଦର୍ଶାଉଛି । ଅପରେସନ ଆର୍କଟିକ ଏଣ୍ଡୁରାନ୍ସ ଡେନମାର୍କ



ନେତୃତ୍ୱରେ କାର୍ଯ୍ୟକାରୀ ହେଉଥିବାବେଳେ ଗ୍ରିନଲାଣ୍ଡରେ ଭବିଷ୍ୟତରେ ବଡ଼ଧରଣ ସେନ୍ୟ ମୁତୟନ ଲକ୍ଷ୍ୟରେ ଏହା ଆରମ୍ଭ କରାଯାଇଛି । ଏହି ଅପରେସନ ଆର୍କଟିକ ଅଞ୍ଚଳରେ ସହଯୋଗୀ ଦେଶମାନଙ୍କରେ ସାମରିକ ଦକ୍ଷତା ବୃଦ୍ଧି କରିବା ଲକ୍ଷ୍ୟରେ କରାଯାଉଛି । ଆଗକୁ ଗ୍ରିନଲାଣ୍ଡ ଚତୁପାର୍ଶ୍ୱରେ ଅପରେସନ ଆର୍କଟିକ ସେଣ୍ଟ୍ରି ନାଁରେ ବଡ଼ଧରଣର ନାଟୋ ମିଶନ କାର୍ଯ୍ୟକାରୀ କରିବାକୁ ପ୍ରସ୍ତାବ ରହିଛି । ତେବେ ଏହା ଆରମ୍ଭ ହେବାକୁ ଅନେକ ବର୍ଷ ଲାଗିବ ବୋଲି ଜର୍ମାନୀର ପ୍ରତିରକ୍ଷା ମନ୍ତ୍ରୀ ବୋରିସ୍ ପିସ୍ଟୋରିସ୍ କହିଛନ୍ତି । ଟ୍ରମ୍ପଙ୍କ ଶୁଳ୍କ ନୀତିର ଜବାବରେ ୟୁରୋପୀୟ ସଂଘ ଆମେରିକା ଉପରେ ବାଣିଜ୍ୟ କଟକଣା ଲାଗୁ କରିବାକୁ ପ୍ରସ୍ତୁତ ହେଉଛି । ୟୁରୋପୀୟ ସଂଘ 'ଟ୍ରେଡ୍ ବାଜୁକା' ବ୍ୟବହାର କରିବାକୁ ବିଚାର କରୁଛି, ଯାହା ୟୁରୋପୀୟ ଦେଶଗୁଡ଼ିକ ଉପରେ ଲାଗୁ ହୋଇଥିବା ଆର୍ଥିକ କଟକଣା ବିରୋଧରେ କାର୍ଯ୍ୟ କରିବ ।

## ଉନ୍ନାଓ ଦୁଷ୍କର୍ମ ମାମଲା

# ସେନଗରଙ୍କ ଦଣ୍ଡାଦେଶ ସ୍ଥଗିତ ଆବଦେନ ହାଇକୋର୍ଟରେ ଖାରଜ

**ନୂଆଦିଲ୍ଲୀ,୧୯।୧(ଏଜେନ୍ସି):** ଉନ୍ନାଓ ବଳାତ୍କାର ମାମଲାର ମୁଖ୍ୟ ଅଭିଯୁକ୍ତ ପୂର୍ବତନ ବିଧାୟକ କୁଳଦୀପ ସିଂହ ସେନଗରଙ୍କୁ ଦିଲ୍ଲୀ ହାଇକୋର୍ଟରୁ ଝଟ୍କା ଲାଗିଛି । ସେନଗରଙ୍କ ପକ୍ଷରୁ ଦଣ୍ଡାଦେଶ ସ୍ଥଗିତ ରଖିବାକୁ ହାଇକୋର୍ଟରେ ହୋଇଥିବା ଆବଦେନ ସୋମବାର ଖାରଜ ହୋଇଯାଇଛି । ହାଜତ ମୃତ୍ୟୁ ଘଟଣାରେ ଦିଲ୍ଲୀ ହାଇକୋର୍ଟ ସେନଗରଙ୍କ ଆବେଦନ ଖାରଜ କରିଦେଇଛନ୍ତି । ଏହି ମାମଲା ଉନ୍ନାଓ ପୀଡ଼ିତାଙ୍କ ବାପାଙ୍କର ପୁଲିସ ହେପାଜତରେ ମୃତ୍ୟୁ ହେବାକୁ ନେଇ ରୁଜୁ ହୋଇଥିଲା । ମାମଲାରେ ଦଣ୍ଡିତ ହେବା ଯୋଗୁ ସେନଗର ଜେଲରୁ ବାହାରକୁ ଆସିପାରି ନଥିଲେ । ସେନଗରଙ୍କୁ ୨୦୧୯ରେ ଏକ ଟ୍ରାଏଲ କୋର୍ଟ ଏହି ମାମଲାରେ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶରେ ଦଣ୍ଡିତ କରିଥିଲେ । ନିକଟରେ ସେନଗର ସ୍ୱାସ୍ଥ୍ୟାବସ୍ଥାର ଦୋହି ଦେଇ ହାଇକୋର୍ଟରେ ଆବେଦନ ରୁଜୁ କରି ଦଣ୍ଡାଦେଶ ସ୍ଥଗିତ ରଖିବାକୁ ଆବେଦନ କରିଥିଲେ । ତାଙ୍କଠାରେ ମଧୁମେହ, ମୋତିଆବିନ୍ଦୁ ପରି ସମସ୍ୟା ଦେଖାଯାଇଥିବାରୁ ସେ ଦିଲ୍ଲୀ ଏମ୍ସରେ ଚିକିତ୍ସା ପାଇଁ ଭର୍ତ୍ତି ହେବାକୁ ଆବେଦନ କରିଥିଲେ । କୋର୍ଟରେ ଦାୟର ହୋଇଥିବା ଏହି ଆବେଦନକୁ ଉଭୟ ସିବିଆଇ ଓ ପୀଡ଼ିତାଙ୍କ ପକ୍ଷରୁ ବିରୋଧ କରାଯାଇଥିଲା । ଏହି ମାମଲାରେ ଅପହରଣ, ମାଡ଼ପିଟ୍ ଓ ହାଜତ ମୃତ୍ୟୁ ପରି ଗମ୍ଭୀର ଅଭିଯୋଗ ରହିଥିବାରୁ ଅଭିଯୁକ୍ତଙ୍କ ଆବେଦନ ଗ୍ରହଣ ନ କରିବାକୁ ସିବିଆଇ ପକ୍ଷରୁ ହାଇକୋର୍ଟଙ୍କୁ କୁହାଯାଇଥିଲା । ପୀଡ଼ିତା ଓ ତାଙ୍କ ପରିବାରକୁ ଚୁପ୍ କରାଇବା ସେନଗରଙ୍କ ମୁଖ୍ୟ ଉଦ୍ଦେଶ୍ୟ ବୋଲି ସିବିଆଇ ପକ୍ଷରୁ କୁହାଯାଇଥିଲା । ସମସ୍ତ ପକ୍ଷର ଶୁଣାଣି ପରେ ବିଚାରପତି ରବିନ୍ଦର ଦୁଡେଜା ସେନଗରଙ୍କ ଆବଦେନକୁ ଖାରଜ କରିଦେଇଥିଲେ ।

# ଶକ୍ତିଶାଳୀ ଭୂକମ୍ପରେ ଥରିଲା ଲଦାଖ

**ନୂଆଦିଲ୍ଲୀ,୧୯।୧(ଏଜେନ୍ସି):** ଲଦାଖର ଲେହରେ ଶକ୍ତିଶାଳୀ ଭୂକମ୍ପ ଝଟକା । ସୋମବାର ସକାଳ ୧୧:୫୧ ସମୟରେ ଭାରତର ଲେହ-ଲଦାଖ ଅଞ୍ଚଳରେ ଏହି ଭୂମିକମ୍ପ ଅନୁଭୂତ ହୋଇଥିଲା । ଭୂମିକମ୍ପର ତୀବ୍ରତା ୫.୭ ଥିଲା । ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ରିପୋର୍ଟ କରିଛି ଯେ ଭୂମିକମ୍ପର କେନ୍ଦ୍ରସ୍ଥଳ ୩୬.୭୧ ଡିଗ୍ରି ଉତ୍ତର ଏବଂ ୭୪.୩୨ ଡିଗ୍ରି ପୂର୍ବରେ ଅବସ୍ଥିତ ଏବଂ ଏହାର ଗଭୀରତା ୧୭୧ କିଲୋମିଟର ଥିଲା । ଭୂମିକମ୍ପର ଏହି ଝଟକା ଖୁବ୍ ଶକ୍ତିଶାଳୀ ଥିଲା, ଯଦିଓ ପରବର୍ତ୍ତୀ ଝଟକା, ମୃତାହତ କିମ୍ବା ବଡ଼ କ୍ଷତିର କୌଣସି ତୁରନ୍ତ ରିପୋର୍ଟ ମିଳିନାହିଁ । ଏହା ପୂର୍ବରୁ, ଆଜି ସକାଳେ ଦିଲ୍ଲୀ-ଏନସିଆରରେ ମଧ୍ୟ ଭୂମିକମ୍ପ ଅନୁଭୂତ ହୋଇଥିଲା । ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ସୋମବାର ସକାଳୁ ଦିଲ୍ଲୀରେ ଭୂକମ୍ପ ପରେ ଲେହ, ଲଦାଖରେ ଶକ୍ତିଶାଳୀ ଭୂକମ୍ପ ଆସିଥିଲା । ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଅନୁଯାୟୀ, ଦିଲ୍ଲୀରେ ୨.୮ ତୀବ୍ରତାର ଏକ ଭୂମିକମ୍ପ ଆସିଥିଲା, ସେଭଳି ଲେହ, ଲଦାଖରେ ୫.୭ ତୀବ୍ରତାର ଭୂମିକମ୍ପ ହୋଇଥିଲା । ଏହାର ଗଭୀରତା ୫ କିଲୋମିଟର ରେକର୍ଡ କରାଯାଇଛି । ସେଭଳି ଉଭୟ ଭୂମିକମ୍ପରେ କୌଣସି ମୃତାହତଙ୍କ ରିପୋର୍ଟ ନାହିଁ । ଯେତେବେଳେ ଲେହ ଲଦାଖରେ ଭୂମିକମ୍ପ ହୋଇଥିଲା, ସେତେବେଳେ ଲୋକମାନେ ସେମାନଙ୍କ କାମରେ ବ୍ୟସ୍ତ ଥିଲେ । ହଠାତ ଆସିଥିଲା ଜୋରଦାର ଭୂମିକମ୍ପ ହୋଇଥିଲା । ଅନେକ ଲୋକ ତଳେ ପଡ଼ି ଯାଇଥିଲେ । ଲୋକମାନେ ଭୟଭୀତ ହୋଇଯାଇଥିଲେ । ଯେଉଁମାନେ ନିଜ ଘର କିମ୍ବା ବିଲ୍ଡିଂ ଭିତରେ ଥିଲେ



ସେମାନେ ବାହାରକୁ ଆସିଯାଇଥିଲେ । ସବୁଠି ହଇଚଇ ସୃଷ୍ଟି ହୋଇଥିଲା । ଯଦିଓ କୌଣସି ଜୀବନ କିମ୍ବା ସମ୍ପତ୍ତି କ୍ଷୟକ୍ଷତିର ରିପୋର୍ଟ ମିଳିନାହିଁ । ତଥାପି, ପ୍ରଶାସନ ସ୍ଥିତି ଉପରେ ନଜର ରଖିଛି । ଲୋକମାନଙ୍କୁ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛି । ବୈଜ୍ଞାନିକ ଦୃଷ୍ଟିରୁ, ହିମାଳୟ ଅଞ୍ଚଳ ଭୂକମ୍ପୀୟ ଜୋନ୍ ୪ ଏବଂ ୫ ରେ ପଡ଼ିଥାଏ । ଏହାର ଅର୍ଥ ଏହା ବିଶ୍ୱର ସବୁଠାରୁ ଭୂମିକମ୍ପପ୍ରବଣ ଅଞ୍ଚଳ ମଧ୍ୟରୁ ଗୋଟିଏ । ଟେକ୍ଟୋନିକ୍ ପ୍ଲେଟ୍ ଗୁଡିକର ଗତି ଯୋଗୁଁ, ଲେହ-ଲଦାଖ ଏବଂ ଜମ୍ମୁ-କାଶ୍ମୀରରେ ପ୍ରାୟତଃ ଭୂମିକମ୍ପ ହୁଏ ।

# ୟୁଏଇ ରାଷ୍ଟ୍ରପତିଙ୍କୁ ସ୍ୱାଗତ କଲେ ମୋଦି

**ନୂଆଦିଲ୍ଲୀ,୧୯।୧(ଏଜେନ୍ସି):** ଭାରତକୁ ଦିନିକିଆ ଗସ୍ତରେ ଆସିଛନ୍ତି ସଂଯୁକ୍ତ ଆରବ ଏମିରେଟର ରାଷ୍ଟ୍ରପତି ଶେଖ ମହମ୍ମଦ ବିନ୍ ଜାୟଦ ଅଲ୍ ନାହୟାନ । ଦିନିକିଆ ସରକାରୀ ଯାତ୍ରାରେ ଆସି ସେ ସୋମବାର ସନ୍ଧ୍ୟାରେ ରାଜଧାନୀ ଦିଲ୍ଲୀରେ ପହଞ୍ଚିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରୋଟୋକଲ ଭାଙ୍ଗି ବିମାନ ବନ୍ଦରକୁ ଯାଇ ନିଜେ ତାଙ୍କୁ ସ୍ୱାଗତ କରିଥିଲେ । ଶେଖ ନାହୟାନଙ୍କର ଏବେ କିଛି ସମୟ ପରେ ପିଏମ ମୋଦିଙ୍କ ସହ ଆଲୋଚନା ହେବ , ଯାହା ପରେ ସଂଯୁକ୍ତ ଆରବ ଏମିରେଟର ରାଷ୍ଟ୍ରପତି ଆଜି ହିଁ ସ୍ୱଦେଶ ଫେରି ଯିବେ । ଶେଖ ନାହୟାନଙ୍କର ଏହି ଯାତ୍ରା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିମନ୍ତ୍ରଣରେ ହେଉଛି । ସଂଯୁକ୍ତ ଆରବ ଏମିରେଟର ରାଷ୍ଟ୍ରପତିଙ୍କ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ତାଙ୍କର ଭାରତକୁ ୩ୟ ସରକାରୀ ଯାତ୍ରା , ଏବଂ ଗତ ଏକ ଦଶକରେ ଏହା ତାଙ୍କର ଭାରତକୁ ୫ମ ଯାତ୍ରା ହେବ । ଉକ୍ତ ଗସ୍ତ ନିକଟରେ ହୋଇଥିବା ଉଚ୍ଚ ସ୍ତରୀୟ ଆଦାନ ପ୍ରଦାନରୁ ମିଳିଥିବା ଦୃଢ଼ ଗତି ଉପରେ ଆଧାରିତ, ଯେଉଁଥିରେ ସେପ୍ଟେମ୍ବର ୨୦୨୪ରେ ଅବୁଧାବୀର ଶାହଜାଦା ଶେଖ ଖାଲିଦ ବିନ ମହମ୍ମଦ ବିନ ଜାୟଦ ଅଲ ନାହୟାନଙ୍କ ଯାତ୍ରା ଓ ଗତବର୍ଷ ଅପ୍ରେଲରେ ଏମିରେଟର ଉପ ପ୍ରଧାନମନ୍ତ୍ରୀ ଓ ପ୍ରତିରକ୍ଷା ମନ୍ତ୍ରୀ ତଥା ଦୁବାଇର କ୍ରାଉନ ପ୍ରେନ୍ସ ଶେଖ ହମଦାନ ବିନ୍ ମହମ୍ମଦ ବିନ ରାଶିଦ ଅଲ୍ ମକତୁମଙ୍କ ଯାତ୍ରା ସାମିଲ ଅଛି । ତାଙ୍କର ଭାରତ ଯାତ୍ରା ପଶ୍ଚିମ ଏସିଆରେ ଇରାନ-ଆମେରିକା ସମ୍ବନ୍ଧରେ ଆସିଥିବା ତୀବ୍ର ହ୍ରାସ ,ୟେମେନକୁ ନେଇ ସାଉଦୀ ଆରବ ଓ ୟୁଏଇ ମଧ୍ୟରେ ଉତ୍ତେଜନା ବୃଦ୍ଧି ଓ ଗାଜାରେ ଅସ୍ଥିର ରାଜନୀତିକ ପରିଦୃଶ୍ୟ କାରଣରୁ ସୃଷ୍ଟି ସ୍ଥିତି ମଧ୍ୟରେ ହେଉଛି । ୟୁଏଇ ରାଷ୍ଟ୍ରପତିଙ୍କ ଯାତ୍ରା ବିଷୟରେ ସୂଚନା ରଖିଥିବା ଲୋକେ କହିଛନ୍ତି ଯେ, ବାଣିଜ୍ୟ ଓ ନିବେଶ , ପ୍ରତିରକ୍ଷା ଉଦ୍ୟୋଗ ସହଯୋଗ ଓ ଶକ୍ତି ପ୍ରସଙ୍ଗ ନେଇ ଭାରତୀୟ ନେତୃତ୍ୱଙ୍କ ସହ ଆଲୋଚନା ହେବାର ଆଶା ରହିଛି ।

# ପୋଲାଣ୍ଡ ଉପ-ପ୍ରଧାନମନ୍ତ୍ରୀଙ୍କୁ ଜୟଶଙ୍କରଙ୍କ କଡ଼ା ବାର୍ତ୍ତା

**ନୂଆଦିଲ୍ଲୀ,୧୯।୧(ଏଜେନ୍ସି):** ପୋଲାଣ୍ଡକୁ ଭାରତର କଡ଼ା ବାର୍ତ୍ତା । ଆତଙ୍କବାଦ ମାମଲାରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ପାକିସ୍ତାନକୁ ସମର୍ଥନ ନକରୁ ବୋଲି କହିଛି ଭାରତ । ପୋଲାଣ୍ଡର ଉପପ୍ରଧାନମନ୍ତ୍ରୀ ଏବଂ ବୈଦେଶିକ ମନ୍ତ୍ରୀ ରାଡୋସ୍ଲା ସିକୋର୍ସ୍କି ଦିଲ୍ଲୀ ଗସ୍ତରେ ଆସିଥିବା ବେଳେ ଏଭଳି କିଛି କହିଛନ୍ତି ଭାରତର ବୈଦେଶିକ ମନ୍ତ୍ରୀ ଏସ୍.ଜୟଶଙ୍କର । ଏହା ସହ ରୁଷ ସହ ବାଣିଜ୍ୟ ସମ୍ପର୍କ ରଖିବାକୁ ନେଇ ଭାରତକୁ ଭୁଲ ଭାବରେ ଟାର୍ଗେଟ କରାଯିବାକୁ ନେଇ ଜୟଶଙ୍କର ଚିନ୍ତା ପ୍ରକାଶ କରିଛନ୍ତି । ପାକିସ୍ତାନକୁ ସମର୍ଥନ କରୁଥିବା ପୋଲାଣ୍ଡ ବୈଦେଶିକ ମନ୍ତ୍ରୀଙ୍କ ବିବୃତ୍ତିର ଜବାବରେ, ଜୟଶଙ୍କର ସ୍ପଷ୍ଟ ଭାବରେ କହିଛନ୍ତି, ପୋଲାଣ୍ଡ ଆତଙ୍କବାଦ ପ୍ରତି ଜିରୋ ଟଲେରାନ୍ସ ପ୍ରଦର୍ଶନ କରିବା ଉଚିତ । ପାକିସ୍ତାନରେ ଆତଙ୍କବାଦୀ ଭିତ୍ତିଭୂମିକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ ନକରିବାକୁ ରାଡୋସ୍ଲା ସିକୋର୍ସ୍କିଙ୍କୁ ଅନୁରୋଧ କରିଛନ୍ତି ଜୟଶଙ୍କର । ଏହା ସହ କହିଛନ୍ତି, ନିକଟରେ ନ୍ୟୁୟର୍କ ଏବଂ ପ୍ୟାରିସରେ, ମୁଁ ୟୁକ୍ରେନ ବିବାଦ ଏବଂ ଏହାର ପରିଣାମ ଉପରେ ଖୋଲାଖୋଲି ଭାବରେ ମୋର ମତାମତ ଦେଇଛି । ଭାରତକୁ ଟାର୍ଗେଟ କରିବା ଭୁଲ ଏବଂ ଅନ୍ୟାୟ । ମୁଁ ଆଜି ଏହା ପୁନରାବୃତ୍ତି କରୁଛି । ଆପଣ ଏହି ଅଞ୍ଚଳ ସହିତ ଅପରିଚିତ ନୁହଁନ୍ତି ଏବଂ ସୀମାପାର ଆତଙ୍କବାଦର ଦୀର୍ଘକାଳୀନ ସମସ୍ୟା ସହିତ ପରିଚିତ ।'ଏସ. ଜୟଶଙ୍କରଙ୍କ ମତକୁ ସମର୍ଥନ କରି ପୋଲାଣ୍ଡ ବୈଦେଶିକ ମନ୍ତ୍ରୀ ସିକୋରସ୍କି କହିଛନ୍ତି, ସୀମାପାର ଆତଙ୍କବାଦର ମୁକାବିଲା କରିବାର ଆବଶ୍ୟକତା ଉପରେ ମୁଁ ଆପଣଙ୍କ ସହିତ ସମ୍ପୂର୍ଣ୍ଣ ସହମତ । ଆପଣ ଶୁଣିଥିବେ ଯେ ନିକଟରେ ପୋଲାଣ୍ଡ ଆତଙ୍କବାଦ ଶିକାର ହୋଇଛି । ପୋଲାଣ୍ଡର ଏକ ରେଳ ଲାଇନକୁ ଆତଙ୍କବାଦୀମାନେ ଉଡ଼ାଇ ଦେଇଥିଲେ । ତଥାପି, ଆତଙ୍କବାଦୀଙ୍କ ଆକ୍ରମଣରେ ବିଶେଷ କ୍ଷୟକ୍ଷତି ହୋଇନଥିଲା । ପୋଲାଣ୍ଡର ବୈଦେଶିକ ମନ୍ତ୍ରୀ ଅକ୍ଟୋବର ୨୦୨୫ରେ ପାକିସ୍ତାନ ସହିତ ଜାରି ଏକ ମିଳିତ ବିବୃତ୍ତିରେ କାଶ୍ମୀରର ବିଷୟରେ ଆଲୋଚନା କରିଥିଲେ । ସେ କହିଥିଲେ, ସେ ପାକିସ୍ତାନ ଜମ୍ମୁ ଏବଂ କାଶ୍ମୀରର ପ୍ରସଙ୍ଗରେ ଏବଂ ୟୁକ୍ରେନ ଯୁଦ୍ଧ ଉପରେ ପୋଲାଣ୍ଡର ନିଜର ମତ ରଖିଛି ।



## ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ପକ୍ଷରୁ ଆଇସିଆଇସିଆଇ ପ୍ରୁ ୱେଲଥ ଫରେଭର ଶୁଭାରମ୍ଭ

**ଭୁବନେଶ୍ୱର, ୧୯।୧ (ନି.ପ୍ର) :** ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନସ୍ୟୁରାନ୍ସ ପକ୍ଷରୁ ଆଇସିଆଇସିଆଇ ପ୍ରୁ ୱେଲଥ ଫରେଭର ର ଶୁଭାରମ୍ଭ କରାଯାଇଛି। ଏହା ଏକ ସରଳ ଏବଂ ଦକ୍ଷ ବିରାସତ ଯୋଜନା ସମାଧାନ ପ୍ରଦାନ କରୁଥିବା ଉତ୍ପାଦ। ଗ୍ରାହକମାନେ ୯୯ ବର୍ଷ ବୟସରେ ପହଂଚିବା ପର୍ଯ୍ୟନ୍ତ ପ୍ରତି ମାସରେ ଜୀବନ କଭର ପରିମାଣ ବୃଦ୍ଧି ପାଇଥାଏ। ଗ୍ରାହକଙ୍କ ଦୁର୍ଭାଗ୍ୟଜନକ ମୃତ୍ୟୁ ହେଲେ ସମ୍ପୂର୍ଣ୍ଣ ଜୀବନ କଭର ପରିମାଣ, ଯାହା କରମୁକ୍ତ, ହିତାଧିକାରୀମାନଙ୍କୁ ପ୍ରଦାନ କରାଯାଇଥାଏ। ଆଇସିଆଇସିଆଇ ପ୍ରୁ ୱେଲଥ ଫରେଭର ବିଶେଷ ଭାବରେ ଗ୍ରାହକମାନଙ୍କୁ ଏକ ସହଜ ଏବଂ ଦକ୍ଷ ବିରାସତ ଯୋଜନା ସମାଧାନ ପ୍ରଦାନ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଯଦି ଗ୍ରାହକ ପଲିସିର ଅବଧି ପର୍ଯ୍ୟନ୍ତ ବଂଚି ରହନ୍ତି, ତେବେ ସମସ୍ତ ପ୍ରିମିୟମ୍ ଫେରସ୍ତ କରାଯାଏ।

ଏହି ଶୁଭାରମ୍ଭ ଅବସରରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ୍ ଲାଇଫ୍ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡର ମୁଖ୍ୟ ଉତ୍ପାଦ ଅଧିକାରୀ, ଶ୍ରୀଯୁକ୍ତ ବିକାଶ ଗୁପ୍ତା କହିଛନ୍ତି ଯେ, 'ଦେଶରେ ଆୟ ଏବଂ ଜୀବନ ଆଶା ବୃଦ୍ଧି ପାଇବା ସହିତ, ବ୍ୟକ୍ତିବିଶେଷ ମାନେ ବିରାସତ ଯୋଜନାର ଗୁରୁତ୍ୱକୁ ବୁଝିବା ଆରମ୍ଭ କରିଛନ୍ତି। ଆମେ ଆଇସିଆଇସିଆଇ ପ୍ରୁ ୱେଲଥ ଫରଏଭର ପ୍ରଦାନ କରିବାକୁ ନେଇ ଆନନ୍ଦିତ, ଯାହା ଗ୍ରାହକମାନଙ୍କୁ ସେମାନଙ୍କର ବିରାସତ ଯୋଜନା ପ୍ରକ୍ରିୟାକୁ ସରଳ କରିବାରେ ସାହାଯ୍ୟ କରିବା ପାଇଁ ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରାଯାଇଛି। ଏହି ଉତ୍ପାଦ ଦ୍ୱାରା ପ୍ରଦାନ କରାଯାଇଥିବା ଜୀବନ କଭର ୯୯ ବର୍ଷ ବୟସ ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ ଏବଂ ଗ୍ରାହକଙ୍କ ଦୁର୍ଭାଗ୍ୟଜନକ ମୃତ୍ୟୁ ହେଲେ ଜୀବନ କଭର ରାଶି କରମୁକ୍ତ ଲାଭ ଭାବରେ ପ୍ରଦାନ କରାଯାଏ। ଏହା ପ୍ରଭାବଶାଳୀ ଭାବରେ ପରବର୍ତ୍ତୀ ପିଢ଼ିକୁ ସମ୍ପତିର ଏକ ସୁଗମ ସ୍ଥାନାନ୍ତରକୁ ସହଜ କରିଥାଏ ଯାହା ସେମାନଙ୍କୁ ଆର୍ଥିକ ସୁରକ୍ଷା ପ୍ରଦାନ କରିଥାଏ। ଏହା ସହିତ, ମାଗଣା ସ୍ୱାସ୍ଥ୍ୟ ଯାଂଚର ଅନ୍ତର୍ନିହିତ ବୈଶିଷ୍ଟ୍ୟ ଗ୍ରାହକମାନଙ୍କୁ ସକ୍ରିୟ ଭାବରେ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖିବା ଏବଂ ପରିଚାଳନା କରିବାକୁ ସକ୍ଷମ କରିଥାଏ।

## ଏଏସଏମଇ ଫାଉଣ୍ଡେଶନ ଇଣ୍ଡିଆ (ଏଏଫଆଇ) ପକ୍ଷରୁ ନ୍ୟାଶନାଲ ଇଞ୍ଜିନିୟରିଂ ଫେଷ୍ଟିଭାଲ ଇଏଫଏକ୍ସ ଇଣ୍ଡିଆ ଉଦ୍‌ଯାପିତ

**ଭୁବନେଶ୍ୱର, ୧୯।୧ (ନି.ପ୍ର):** ଏଏସଏମଇ ଫାଉଣ୍ଡେଶନ ଇଣ୍ଡିଆ (ଏଏଫଆଇ) ପକ୍ଷରୁ ତିନିଦିନିଆ ନିମଜ୍ଜିତ ଶିକ୍ଷା, ଉଦ୍ଭାବନ ଓ ସହଯୋଗିତା ପରେ ଏହାର ନ୍ୟାଶନାଲ ଇଞ୍ଜିନିୟରିଂ ଫେଷ୍ଟିଭାଲ ଇଏଫଏକ୍ସ ଇଣ୍ଡିଆ ୨୦୨୬ ସମାପ୍ତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରତ୍ୟକ୍ଷ ଶିକ୍ଷା ଓ ବାସ୍ତବ ଦୁନିଆର ସମସ୍ୟାର ସମାଧାନ ପାଇଁ କେରଳ, ଓଡିଶା, ଦିଲ୍ଲୀ, ତେଲେଙ୍ଗାନା ଓ ଉତରପ୍ରଦେଶ ସମେତ ୧୯ଟି ରାଜ୍ୟର ୭୦୦ରୁ ଅଧିକ ଇଞ୍ଜିନିୟରିଂ ଛାତ୍ରଛାତ୍ରୀ ଏକତ୍ରିତ ହୋଇଥିଲେ। ଇଏଫଏକ୍ସ ଇଣ୍ଡିଆ ୨୦୨୬ ପ୍ରତ୍ୟକ୍ଷ ଶିକ୍ଷା, ଆନ୍ତଃବିଭାଗୀୟ ଇଞ୍ଜିନିୟରିଂ ଓ ଶିଳ୍ପ-ସମର୍ଥିତ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦେଇଥିଲା, ଯାହା ଛାତ୍ରଛାତ୍ରୀଙ୍କୁ ଶ୍ରେଣୀଗୃହ ବାହାରେ ବାସ୍ତବ ଦୁନିଆର ଆହ୍ୱାନଗୁଡିକ ପ୍ରତି ଏକ୍ସପୋଜର ପ୍ରଦାନ କରିଛି। ଏହି କାର୍ଯ୍ୟକ୍ରମର ଅନ୍ୟତମ ପ୍ରମୁଖ ବିଷୟବସ୍ତୁ ଥିଲା ଆନ୍ତଃବିଭାଗୀୟ ଇଞ୍ଜିନିୟରିଂ। ଏଥିରେ 'ରୋବୋଟିକ୍ସ ଇନ ଦ ଏଜ ଅଫ୍ ଏଆଇ: ମୁଭିଙ୍ଗ ଫ୍ରମ



ଅଟୋମେଶନ ଟୁ ଅଟୋନୋମି' ଶୀର୍ଷକ କର୍ମଶାଳା ଅନ୍ତର୍ଭୁକ୍ତ ଥିଲା, ଯାହା ରୋବୋଟିକ୍ସ ଓ ଅଟୋନୋମସ ସିଷ୍ଟମ କ୍ଷେତ୍ରରେ ଆର୍ଟିଫିସିଆଲ ଇଂଟେଲିଜେନ୍ସର ଭୂମିକା ଉପରେ ଗୁରୁତ୍ୱ ଦେଇଥିଲା।

ଏହି ପଦକ୍ଷେପ ପଛରେ ରହିଥିବା ଉଦ୍ଦେଶ୍ୟ ସମ୍ପର୍କରେ ଏଏସଏମଇ ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ଅଧ୍ୟକ୍ଷ ଓ ନିର୍ଦ୍ଦେଶକ ମଧୁକର ଶର୍ମା କହିଛନ୍ତି, 'ଏଏସଏମଇ ଇଏଫଏକ୍ସ ଇଣ୍ଡିଆ ୨୦୨୬ ହେଉଛି ସେହି ମଂଚ ଯେଉଁଠାରେ ଏହି ରୂପାନ୍ତରଣ ଆରମ୍ଭ ହୁଏ। ଏଏସଏମଇ ଇଞ୍ଜିନିୟରମାନଙ୍କର ଏକ ନୂତନ ପିଢିକୁ ସଶକ୍ତ କରୁଛି ଯେଉଁମାନଙ୍କ ପାଖରେ ସ୍ଥାୟୀ ଯାତାୟତ ଠାରୁ ଆରମ୍ଭ କରି ଅଟୋନୋମସ ସିଷ୍ଟମ ପର୍ଯ୍ୟନ୍ତ ବାସ୍ତବ-ଦୁନିଆର ଆହ୍ୱାନଗୁଡିକର ସମାଧାନ ପାଇଁ ଆବଶ୍ୟକ ବହୁବିଭାଗୀୟ ଦକ୍ଷତା ଓ ଉଦ୍ଭାବନ ମାନସିକତା ରହିଛି। 'ଏହି ପଦକ୍ଷେପକୁ ହାଇଲାଇଟ କରି ଏଏସଏମଇ ଫାଉଣ୍ଡେଶନ ଇଣ୍ଡିଆର ଉପ ନିର୍ଦ୍ଦେଶକ ଅବ୍‌ନି ମଲ୍‌ହୋତ୍ରା କହିଛନ୍ତି, 'ପ୍ରକୃତ ଉଦ୍ଭାବନ ପାଇଁ ହୃଦୟ ଓ ମନୋଭାବର ବିବିଧତା ଆବଶ୍ୟକ। ଏଏସଏମଇ ଫାଉଣ୍ଡେଶନ ଇଣ୍ଡିଆ ମାଧ୍ୟମରେ ଆମେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କଠାରେ ସେହି କ୍ଷମତାକୁ ଉନ୍ମୋଚନ କରିବା ପାଇଁ ପ୍ରତିବଦ୍ଧ ରହିଛୁ। 'ଗିଅର ଅପ ଏଫଇଏମଇ' ହେଉଛି ଏକ ଚ୍ୟାଲେ ଯାହା ପ୍ରମାଣିତ କରିଥାଏ ଯେ ମହିଳାମାନେ ଡିଜାଇନ ଇଞ୍ଜିନିୟରିଂର ଆଗଧାଡିରୁ ଆସନ୍ତି।'

ଏହି କାର୍ଯ୍ୟକ୍ରମ ଅଫସିଆଲ ସ୍ପନସର ଗେଲ୍ ଓ ଦ ୱେଲ୍ଡିଙ୍ଗ ଇନଷ୍ଟିଚ୍ୟୁଟ (ଟିଡବ୍ଲ୍ୟୁଆଇ) ଇଣ୍ଡିଆ ଦ୍ୱାରା ସମର୍ଥିତ ଥିଲା, ଯାହା ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀଙ୍କ ପାଇଁ ଶିଳ୍ପ ନିୟୋଜନ ଓ ବ୍ୟବହାରିକ ଏକ୍ସପୋଜରକୁ ସୁଦୃଢ କରିଛି। ଏହି ଅବସରରେ ଗେଲ୍ (ଇଣ୍ଡିଆ) ଲିମିଟେଡ, ଜୟପୁରର ମୁଖ୍ୟ ମହାପ୍ରବନ୍ଧକ ସୟ ଚୌହାନ ମଧ୍ୟ ନିଜର ମତାମତ ବ୍ୟକ୍ତ କରି କହିଛନ୍ତି ଯେ, 'ମୁଁ ଇଏଫଏକ୍ସ ଇଣ୍ଡିଆ ୨୦୨୬ ସହ ସହଭାଗିତା ପାଇଁ ମିଳିଥିବା ସୁଯୋଗକୁ ସ୍ୱାଗତ କରୁଛି, ଯେଉଁଠାରେ ଭାରତର ଉଜ୍ଜ୍ୱଳତମ ଇଞ୍ଜିନିୟରିଂ ପ୍ରତିଭାମାନେ ଇ-ହ୍ୟୁମାନ-ପରିଚାଳିତ ଭେଇକିଲ ଚ୍ୟାଲେ ଭଳି ପ୍ରତିଯୋଗିତା ଗୁଡିକ ମାଧ୍ୟମରେ ସ୍ଥାୟୀ ଶକ୍ତି ସମାଧାନକୁ ଆଗକୁ ବଢାଇଥିଲେ। ଏହି ମହିଳା-କେନ୍ଦ୍ରିତ ସିଏଡି ଚ୍ୟାଲେ, ଗିଅର ଅପ୍ ଏଫଇଏମଇ ବିବିଧତା ଓ ସ୍ଥାୟୀ ଭବିଷ୍ୟତ ପାଇଁ ଆମର ପ୍ରୟାସକୁ ମଜବୁତ କରିବା ସହିତ ଡିଜାଇନ, ବିଶ୍ଳେଷଣ ଓ ଉଦ୍ଭାବନ ଦକ୍ଷତାକୁ ଉତ୍କୃଷ୍ଟ କରିଛି।

## ଜିଓମାର୍ଟ ପକ୍ଷରୁ 'ଗ୍ରାଣ୍ଡ ରିପବ୍ଲିକ୍ ସେଲ୍' ଆରମ୍ଭ

**ମୁମ୍ବାଇ,୧୯।୧ (ନି.ପ୍ର) :** ଜିଓମାର୍ଟ ପକ୍ଷରୁ ଗଣତନ୍ତ୍ର ଦିବସ ଅବସରରେ 'ଗ୍ରାଣ୍ଡ ରିପବ୍ଲିକ୍ ସେଲ୍' ଆରମ୍ଭ କରାଯାଇଛି, ଯାହା ଜାନୁୟାରୀ ୨୬ ପର୍ଯ୍ୟନ୍ତ ଚାଲିବ। ଏହି ସେଲ୍ ଅଧୀନରେ ଇଲେକ୍ଟ୍ରୋନିକ୍ସ, ଫ୍ୟାଶନ୍,




ଗ୍ରସେରୀ ଏବଂ ଘରକରଣା ସାମଗ୍ରୀ ଉପରେ ୮୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି।

ଏହି ସେଲ ଅଧୀନରେ ସ୍ମାର୍ଟଫୋନ୍, ଲାପଟପ୍, ସ୍ମାର୍ଟ ଟିଭି ଏବଂ ପିନ୍ଧିବା ସାମଗ୍ରୀ ଉପରେ ଆକର୍ଷଣୀୟ ଅଫର୍ ଉପଲବ୍ଧ ରହିଛି। ପୁରୁଷ, ମହିଳା ଏବଂ ପିଲାମାନଙ୍କ ପାଇଁ ଫ୍ୟାଶନ୍ ଉତ୍ପାଦ ୯୯ ଟଙ୍କାରୁ ଆରମ୍ଭ ହେଉଛି। ଏହା ସହିତ ଡାଲି, ତେଲ, ମସଲା, ସ୍ନାକ୍ସ, ସୌନ୍ଦର୍ଯ୍ୟ ବା ପ୍ରସାଧନ ସାମଗ୍ରୀ, ଶିଶୁ ଯତ୍ନ ଏବଂ ହୋମ କେୟାର ଉତ୍ପାଦ ଉପରେ ମଧ୍ୟ ବିଶେଷ ରିହାତି ପ୍ରଦାନ କରାଯାଉଛି। ଗ୍ରାହକମାନେ ବ୍ୟାଙ୍କ ଅଫ୍ ବରୋଦା କାର୍ଡରେ ୭.୫ ପ୍ରତିଶତ ପର୍ଯ୍ୟନ୍ତ ତୁରନ୍ତ ରିହାତି ମଧ୍ୟ ପାଇପାରିବେ, ଯାହା ଜାନୁୟାରୀ ୨୪ ପର୍ଯ୍ୟନ୍ତ ଉପଲବ୍ଧ ରହିବ। ଏହି ସ୍ୱତନ୍ତ୍ର ସେଲ ଜିଓମାର୍ଟର ଶୀଘ୍ର (କ୍ୱିକ) ଏବଂ ସୂଚୀବଦ୍ଧ (ସ୍କେଡ୍ୟୁଲଡ୍) ଡେଲିଭରି ନେଟୱାର୍କ ମାଧ୍ୟମରେ ସାରା ଦେଶରେ ଉପଲବ୍ଧ ରହିଛି, ଯାହାଦ୍ୱାରା ଗ୍ରାହକମାନଙ୍କୁ ଦ୍ରୁତ ଏବଂ ନିର୍ଭରଯୋଗ୍ୟ ଡେଲିଭରି ମିଳୁଛି। ଗ୍ରାହକମାନେ www.jiomart.com କିମ୍ବା ଜିଓମାର୍ଟ ଆପ୍ ପରିଦର୍ଶନ କରି ଏହି ଅଫରର ଲାଭ ଉଠାଇପାରିବେ।

## ଗ୍ରାମୀଣ ଉଦ୍ୟମୀ ମାନଙ୍କ ସଶକ୍ତିକରଣ ପାଇଁ ଆଇଆଇଏମ୍ ସମ୍ବଲପୁରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

**ସମ୍ବଲପୁର, ୧୯।୧ (ନି.ପ୍ର) :** ଭାରତର ଏକ ପ୍ରମୁଖ ପ୍ରବନ୍ଧନ ସଂସ୍ଥାନ ଆଇଆଇଏମ୍ ସମ୍ବଲପୁର, ଜାତୀୟ ଏସସି-ଏସଟି ହବ୍, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) ମନ୍ତ୍ରଣାଳୟ, ଭାରତ ସରକାରଙ୍କ ସହଯୋଗରେ ୧୯ ରୁ ୨୪ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଉଦ୍ୟମୀ ମାନଙ୍କ ପାଇଁ ୬ ଦିନିଆ 'ବ୍ୟବସାୟ ତ୍ୱରାନ୍ୱିତ'କାର୍ଯ୍ୟକ୍ରମ ଆୟୋଜନ କରିଛି। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ବିକଶିତ ଭାରତ ୨୦୪୭ ଏବଂ ସଂଯୁକ୍ତ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ସହ ସମନ୍ୱୟ ରଖି, ଏସସି-ଏସଟି ଉଦ୍ୟମୀମାନଙ୍କୁ ଆବଶ୍ୟକ ବ୍ୟବସାୟିକ, ଆର୍ଥିକ ଓ ଡିଜିଟାଲ୍ ଦକ୍ଷତାରେ ପ୍ରଶିକ୍ଷିତ କରି ଉଦ୍ୟମିତା ପରିବେଶକୁ ସୁଦୃଢ଼ କରିବା।

ଏହି ଅବସରରେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ;ମୁଖ୍ୟ ଅତିଥି ଭାବେପୂର୍ବତନ ଭାରତୀୟ ରାଜସ୍ୱ ସେବା ଅଧିକାରୀ ଏବଂ ଲାଇଭ ଲି ଅଲ୍ଟରନେଟିଭ୍ସର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ, ସମ୍ବିତ ତ୍ରିପାଠୀ; ସମ୍ମାନିତ ଅତିଥି ଭାବେ ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମର ଜୋନାଲ୍ ହେଡ୍,ଡ଼ା. ଅନୁପମ ଗାୟେନ;ଏବଂ ମୁଖ୍ୟ ବକ୍ତା ଭାବେ ଓଡ଼ିଶା ରାଜ୍ୟ ସମାଜ କଲ୍ୟାଣ ବୋର୍ଡର ପୂର୍ବତନ ଅଧ୍ୟକ୍ଷ, ଶ୍ରୀମତୀ ନିବେଦିତା ନାୟକଉପସ୍ଥିତ ଥିଲେ।

ଏହି 'ବ୍ୟବସାୟ ତ୍ୱରାନ୍ୱିତ' କାର୍ଯ୍ୟକ୍ରମରେ ମୋଟ ୧୨ ଦିନର ପ୍ରଶିକ୍ଷଣ ରହିଛି, ଯେଉଁଥିରେ ୬ ଦିନ ଆଇଆଇଏମ୍ ସମ୍ବଲପୁର ପରିସରରେ ଏବଂ ୬ ଦିନିଆ ଅନଲାଇନ୍ ମାଧ୍ୟମରେ ପ୍ରଶିକ୍ଷଣ ଦିଆଯିବାର ବ୍ୟବସ୍ଥା ସାମିଲ ଅଛି। ଏହା ପରେ ଅଂଶଗ୍ରହଣକାରୀ ଉଦ୍ୟମୀମାନଙ୍କୁ ୬ ମାସ ପର୍ଯ୍ୟନ୍ତ ମାର୍ଗଦର୍ଶନ ଓ ସହାୟତା ଦିଆଯିବ। ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ




ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା ଓ ମହାରାଷ୍ଟ୍ରରୁ ୨୫ ଜଣ ଉଦ୍ୟମୀ ଅଂଶଗ୍ରହଣ କରିଛନ୍ତି।

ଏହି ଅବସରରେ ପ୍ରଫେସର ମହାଦେଓ ଜୟସ୍ୱାଲ କହିଛନ୍ତି ଯେଆଇଆଇଏମ୍ ସମ୍ବଲପୁରର ଲକ୍ଷ୍ୟ ହେଉଛି ଉଦ୍ୟମୀ ମନୋଭାବ ସହ ଦାୟିତ୍ୱଶୀଳ ନେତୃତ୍ୱ ଗଢିବା। ଉଦ୍ୟମିତା କେବଳ ନିଜ ପାଇଁ ଧନ ସୃଷ୍ଟି କରିବା ନୁହେଁ, ବରଂ ସମାଜ, ଦେଶ ଓ ପୃଥିବୀ ପାଇଁ ମୂଲ୍ୟ ସୃଷ୍ଟି କରିବା। ବଡ଼ କର୍ପୋରେଟ୍ କମ୍ପାନୀ ଗିଲେ ମାତ୍ର 'ବିକସିତ ଭାରତ' ସାକାର ହେବ ନାହିଁ; ଆମକୁ ଗ୍ରାମୀଣ ସ୍ତରରେ ଦାୟିତ୍ୱଶୀଳ ଉଦ୍ୟମୀମାନଙ୍କୁ ସୃଷ୍ଟି କରିବାକୁ ପଡ଼ିବ, ଯେଉଁମାନେ ପରିବେଶକୁ କ୍ଷତି କରିବେ ନାହିଁ କିମ୍ବା ସମୁଦାୟକୁ ବିସ୍ଥାପିତ କରିବେ ନାହିଁ। ଜାତୀୟ ଶିକ୍ଷା ନୀତି ୨୦୨୦ ସହ ସମନ୍ୱୟ ରଖି, ଉଦ୍ୟମିତା ଜ୍ଞାନ ସୃଷ୍ଟି, ନବୋନ୍ମେଷ ଓ ଆଧୁନିକ ପ୍ରଯୁକ୍ତି ମାଧ୍ୟମରେ ଦାୟିତ୍ୱପୂର୍ଣ୍ଣ ସମ୍ପଦ ସୃଷ୍ଟି ଉପରେ ଗୁରୁତ୍ୱ ଦେବା ଆବଶ୍ୟକ।ମୁଖ୍ୟ ଅତିଥି ଶ୍ରୀ ସମ୍ବିତ ତ୍ରିପାଠୀ କହିଛନ୍ତିଶକ୍ତିଶାଳୀ ବ୍ୟବସାୟ ଯୋଜନା ତିଆରି,କ୍ଷମତା ବିକାଶ, ଏବଂ ଆମେ କ'ଣ ଉତ୍ପାଦନ କରୁଛୁ, କ'ଣ ଖର୍ଚ୍ଚ କରୁଛୁ ଓ କିପରି ଯୋଗାଯୋଗ କରୁଛୁ-ଏହା ସବୁକୁ ବୁଝିବା ଉଦ୍ୟମିତାରେ ସଫଳତା ପାଇଁ ଅତ୍ୟନ୍ତ ଆବଶ୍ୟକ।

ସମ୍ମାନିତ ଅତିଥି ଶ୍ରୀମତୀ ନିବେଦିତା ନାୟକ କହିଥିଲେ, ଆଇଆଇଏମ୍ ସମ୍ବଲପୁର ଜ୍ଞାନ, ଆକାଂକ୍ଷା ଓ ଜାତି ଗିବାର ସଂଧିସ୍ଥଳରେ ଦିଆଛି। ଏହି କାର୍ଯ୍ୟକ୍ରମକେବଳ ଏକ ଶିକ୍ଷାମୂଳକ ପଦକ୍ଷେପ ନୁହେଁ, ବରଂ ଏକ ଜାତୀୟ ମାଇଲସ୍ଟୋନୟଆଜି ଏସସି-ଏସଟିଉଦ୍ୟମିତା ଅତ୍ୟଧିକ ଗୁରୁତ୍ୱପୂର୍ଣ୍ଣ, କାରଣ ସମାବେଶୀ ବିକାଶ ଏବେ କେବଳ ବିକଳ୍ପ ନୁହେଁ, ଏହା ଏକ ଆର୍ଥିକ ଆବଶ୍ୟକତା।

## ସିଡ଼ିଏସଏଲ୍ ଆଇପିଏଫ୍ ପକ୍ଷରୁ 'ଆମର ସୁରକ୍ଷାକାରୀଙ୍କୁ ସଶକ୍ତ କରିବା' କାର୍ଯ୍ୟକ୍ରମ ଆୟୋଜିତ



**ଭୁବନେଶ୍ୱର/ସମ୍ବଲପୁର, ୧୯।୧ (ନି.ପ୍ର) :** ସିଡ଼ିଏସଏଲ୍ ନିବେଶକ ସୁରକ୍ଷା ପାଣ୍ଠି (ସିଡ଼ିଏସଏଲ୍ ଆଇପିଏଫ୍) ପକ୍ଷରୁ ଏହାର ପ୍ରମୁଖ ପ୍ରୟାସ 'ଆମର ସୁରକ୍ଷାକାରୀଙ୍କୁ ସଶକ୍ତ କରିବା' ଅଭିଯାନ ଅଧୀନରେ, ସମ୍ବଲପୁରରେ ପୋଲିସ ତାଲିମ ପ୍ରତିଷ୍ଠାନରେ ପୁଁଜି ବଜାର ଏବଂ ଜମା ସେବା ଉପରେ ଏକ ନିବେଶକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।

ଏହି ଅଧିବେଶନର ଲକ୍ଷ୍ୟ ପୋଲିସ ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତାକୁ ସୁଦୃଢ଼ କରିବା ଥିଲା। ଏହା ସିକ୍ୟୁରିଟିଜ୍ ବଜାର ଇକୋସିଷ୍ଟମ, ସିକ୍ୟୁରିଟିଜ୍ ବଜାରର କାର୍ଯ୍ୟକାରିତା ଏବଂ ନିରାପଦ ତଥା ସ୍ୱଚ୍ଛ ନିବେଶକୁ ସକ୍ଷମ କରିବାରେ ଜମା ସେବାର ଭୂମିକା ବିଷୟରେ ଏକ ମୌଳିକ ବୁଝାମଣା ଗଠନ ଉପରେ ଧ୍ୟାନ ଦିଆଯାଇଛି।

ଏହି କାର୍ଯ୍ୟକ୍ରମରେ ଜଟିଳ ଆର୍ଥିକ ଧାରଣାକୁ ସରଳ କରିବା ଏବଂ ସେଗୁଡ଼ିକୁ ଅଧିକ ଉପଯୋଗକ୍ଷମ କରିବା ପାଇଁ ବ୍ୟବହାରିକ ଚିତ୍ରଣ ଏବଂ ପାରସ୍ପରିକ ଆଲୋଚନା ମଧ୍ୟ ଅନ୍ତର୍ଭୁକ୍ତ ରହିଥିଲା। ନିବେଶ ନୀତିଗୁଡ଼ିକୁ ବାସ୍ତବ ଜୀବନର ଆର୍ଥିକ ପରିସ୍ଥିତି ସହିତ ସଂଯୋଗ କରି, ଏହି କାର୍ଯ୍ୟକ୍ରମ ପ୍ରଶିକ୍ଷାର୍ଥୀଙ୍କୁ ବୁଝିବାରେ ସାହାଯ୍ୟ କରିଥିଲା ଯେ କିପରି ଦାୟିତ୍ୱପୂର୍ଣ୍ଣ ନିବେଶ ଏବଂ ବିପଦ ପ୍ରତି ସଚେତନତା ସେମାନଙ୍କର ଦୀର୍ଘକାଳୀନ ଆର୍ଥିକ ଯୋଜନା ଆବଶ୍ୟକତାକୁ ସମର୍ଥନ କରିପାରିବ।

ସିଡ଼ିଏସଏଲ୍ ଆଇପିଏଫ୍ ଆର୍ଥିକ ସାକ୍ଷରତା ବିସ୍ତାର କରିବା ଏବଂ ଦେଶବ୍ୟାପୀ ନିବେଶକ ସଚେତନତା କାର୍ଯ୍ୟକ୍ରମ ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ, ଯାହା ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କୁ ଆତ୍ମନିର୍ଭର ନିବେଶକ ହେବା ପାଇଁ ସଶକ୍ତ କରିବ।

## ଆଇଡିବିଆଇ ବ୍ୟାଙ୍କର ଟ.୧୯୩୫ କୋଟିର ନେଟ ପ୍ରଫିଟ

**ଭୁବନେଶ୍ୱର, ୧୯।୧ (ନି.ପ୍ର) :** ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ପାଇଁ ଏହାର ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ଏହି ତ୍ରୈମାସିକରେ ବ୍ୟାଙ୍କର ଶୁଦ୍ଧ ଲାଭ ୧୯୩୫ କୋଟି ଟଙ୍କା ରହିଛି। ସେହିପରି ପରିଚାଳନାଗତ ଲାଭ ୧୯୧୭ କୋଟି ଟଙ୍କା ରହିଛି। ୨୦୨୫-୨୬ର ୩ୟ ତ୍ରୈମାସିକରେ ବ୍ୟାଙ୍କର ଏନଆଇଏମ ୩.୫୨% ରହିଛି। ଏହାଛଡା କଷ୍ଟ୍ ଅଫ୍ ଡିପୋଜିଟ ୪.୬୨% ରହିଛି ଯାହା ୨୦୨୪-୨୫ର ୩ୟ ତ୍ରୈମାସିକରେ ଥିବା ୪.୬୨% ସହ ସମାନ ସ୍ତରରେ ରହିଛି। ଏହି ଅବଧିରେ ସିଆରଏଆର ବାର୍ଷିକ ୨୬୫ ବିପିଏସ ବୃଦ୍ଧି ହୋଇ ୨୪.୬୩% ରହିଛି। ୨୦୨୫-୨୬ର ୩ୟ ତ୍ରୈମାସିକରେ ରିଟର୍ଣ୍ଣ ଅନ୍ ଆସେଟ୍ସ (ଆରଓଏ) ୧.୮୩% ରହିଛି ଯାହା ଏହାର ପୂର୍ବ ଆର୍ଥିକ ବର୍ଷର ସମାନ ଅବଧିରେ ୧.୯୯% ଥିଲା। ରିଟର୍ଣ୍ଣ ଅନ୍ ଇକ୍ୱିଟି (ଆରଓଇ) ୧୪.୪୯% ରହିଛି। ଡିସେମ୍ବର ୩୧, ୨୦୨୫ ସୁଦ୍ଧା ଶୁଦ୍ଧ ଏନପିଏ ଅନୁପାତ ୦.୧୮% ରହିଛି। ସେହିପରି ଡିସେମ୍ବର ୩୧, ୨୦୨୫ ସୁଦ୍ଧା ବ୍ୟାଙ୍କର ମୋଟ ଏନପିଏ ଅନୁପାତ ୨.୫୭% ରହିଛି ଯାହା ଡିସେମ୍ବର ୩୧, ୨୦୨୪ରେ ୩.୫୭% ଥିଲା, ଏହା ୧୦୦ ବିପିଏସ ହ୍ରାସ ପାଇଛି। ପିସିଆର ୯୯.୩୩% ରହିଛି, ଯାହା ଡିସେମ୍ବର ୩୧, ୨୦୨୪ରେ ୯୯.୪୭% ଥିଲା।

## ଏନବିବିଏଲ୍ ଭାରତ କନେକ୍ଟ ମାଧ୍ୟମରେ ସରଳୀକୃତ ଇଭ-ୱାଲେଟ୍ ରିଚାର୍ଜ ସହିତ ଗମନାଗମନ କ୍ଷେତ୍ରକୁ ସୁଦୃଢ଼ କରୁଛି

**ଭୁବନେଶ୍ୱର, ୧୯।୧ (ନି.ପ୍ର) :** ନ୍ୟାସନାଲ୍ ପେମେଣ୍ଟସ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନପିସିଆଇ)ର ସମ୍ପୂର୍ଣ୍ଣ ମାଲିକାନା ଥିବା ସହାୟକ କମ୍ପାନୀ ଏନପିସିଆଇ ଭାରତ ବିଲ୍‌ପେ' ଲିମିଟେଡ୍ (ଏନବିବିଏଲ୍), ଭାରତ କନେକ୍ଟରେ ଏହାର 'ଇଭି ରିଚାର୍ଜ' ବର୍ଗ ମାଧ୍ୟମରେ ଭାରତର ବଢୁଥିବା ଇଲେକ୍ଟ୍ରିକ୍ ଯାନ ଇକୋସିଷ୍ଟମ୍ ପାଇଁ ଡିଜିଟାଲ୍ ପେମେଣ୍ଟ ସମାଧାନକୁ ସୁଦୃଢ଼ କରୁଛି। ଗ୍ଲୋବାଲ୍ ଫିନଟେକ୍ ଫେଷ୍ଟ ୨୦୨୫ ସମୟରେ ଆରମ୍ଭ ହୋଇଥିବା ଏହି ନୂତନ ବର୍ଗ ଇଲେକ୍ଟ୍ରିକ୍ ଯାନ ମାଲିକମାନଙ୍କୁ ଭାରତ କନେକ୍ଟ-ସକ୍ଷମ ଟଚ୍-ପଏଣ୍ଟ ମାଧ୍ୟମରେ ସେମାନଙ୍କର ଇଭ-ୱାଲେଟ୍ଗୁଡ଼ିକୁ ସୁଗମ ଭାବରେ ଟପ୍ ଅପ୍ କରିବାକୁ ସକ୍ଷମ କରାଉଛି।

ନୀତି ଆୟୋଗ ରିପୋର୍ଟ ଅନୁଯାୟୀ, ଭାରତରେ ଇଭୀର ବିକ୍ରୟ ୨୦୧୬ ରେ ୫୦,୦୦୦ ରୁ ୨୦୨୪ ରେ ୨.୦୮ ନିୟୁତରେ ପହଞ୍ଚିଛି। ରିପୋର୍ଟରେ ଆହୁରି କୁହାଯାଇଛି ଯେ ଭାରତ ୨୦୩୦ ସୁଦ୍ଧା ମୋଟ ବିକ୍ରୟ ହୋଇଥିବା ଯାନ ମଧ୍ୟରୁ ୩୦% ଅଂଶ ଇଲେକ୍ଟ୍ରିକ୍ ଯାନ ଲକ୍ଷ୍ୟକୁ ହାସଲ କରିବାକୁ ଚାହୁଁଛି।

Bharat Connect | NBBL NPCI Bharat BillPay Ltd.

ଦୃଢ଼ ଅଭିବୃଦ୍ଧି ଗତି ସତ୍ତ୍ୱେ, ଇଲେକ୍ଟ୍ରିକ୍ ଯାନ ବ୍ୟବହାରକାରୀମାନଙ୍କୁ ସେମାନଙ୍କର ଚାର୍ଜିଂ ଆବଶ୍ୟକତା ପରିଚାଳନା କରିବା ପାଇଁ ବହୁ ଦିନ ଧରି ଖଣ୍ଡିତ ପ୍ଲାଟଫର୍ମଗୁଡ଼ିକୁ ନାଭିଗେଟ୍ କରିବାକୁ ପଡ଼ିଛି କିମ୍ବା ଏକାଧିକ ଅପରେଟର୍ ଆପ୍ ମଧ୍ୟରେ ସ୍ୱିଚ୍ କରିବାକୁ ପଡ଼ିଛି, ଯାହାର ଫଳସ୍ୱରୂପ ପ୍ରାୟତଃ ଅସୁବିଧା ଏବଂ ଅସଙ୍ଗତ ଅଭିଜ୍ଞତା ସୃଷ୍ଟି ହେଉଛି। ପ୍ରମୁଖ ଇଭି-ୱାଲେଟ୍ ପ୍ରଦାନକାରୀ ଏବଂ ଚାର୍ଜିଂ ନେଟୱାର୍କଗୁଡ଼ିକୁ ଏକ ଏକକ, ସୁଗମ ଢାଞ୍ଚାରେ ସଂକଳନ କରି, ଏନବିବିଏଲ୍ ଇଭି ଗ୍ରାହକମାନଙ୍କ ପାଇଁ ଏକ ଅସୁବିଧାମୁକ୍ତ ପେମେଣ୍ଟ ଭିତ୍ତିଭୂମି ନିର୍ମାଣ କରି ଇଭି ଭୂଦୃଶ୍ୟର ଅଭିବୃଦ୍ଧିକୁ ସମର୍ଥନ କରୁଛି। ଏହା ଭାରତ କନେକ୍ଟର ଏପିଆଇ-ଚାଳିତ ଭିତ୍ତିଭୂମି ଦ୍ୱାରା ସକ୍ଷମ ପାର୍ଟନର ଆପ୍ଲିକେସନ୍‌ଗୁଡ଼ିକରେ ଉପଭୋକ୍ତାମାନଙ୍କୁ ଏକ ସ୍ଥିର ଅଭିଜ୍ଞତା ପ୍ରଦାନ କରେ। ଶକ୍ତି ମନ୍ତ୍ରଣାଳୟ (ଏମଓପି) ଅନୁଯାୟୀ, ଅଗଷ୍ଟ ୨୦୨୫ ସୁଦ୍ଧା ସାରା ଦେଶରେ ମୋଟ ୨୯,୨୭୭ ସାର୍ବଜନୀନ ଇଭି ଚାର୍ଜିଂ ଷ୍ଟେସନ୍ ସ୍ଥାପନ କରାଯାଇଛି। ଭାରତ କନେକ୍ଟ-ସକ୍ଷମ ଆପ୍ ଏବଂ ୱେବସାଇଟ୍‌ଗୁଡ଼ିକରେ ଇଭି-ୱାଲେଟ୍ ଟପ୍-ଅପ୍ ବର୍ତ୍ତମାନ ଉପଲବ୍ଧ ହେବା ସହିତ, ଗ୍ରାହକମାନେ ଟାଟା ଇଭି ଚାର୍ଜ ଏବଂ ଜିଇଓନ ଚାର୍ଜିଂ ଭଳି ଷ୍ଟେସନ୍ ପାଇଁ ସେମାନଙ୍କର ଚାର୍ଜିଂ ବାଲାନ୍ସକୁ ସୁଗମ ଭାବରେ ପରିଚାଳନା କରିପାରିବେ। ପାରଦର୍ଶିତା ପାଇଁ ତୁରନ୍ତ ନିଶ୍ଚିତକରଣ ଏବଂ ଡିଜିଟାଲ୍ ରେକର୍ଡ ସହିତ ୟୁପିଆଇ, କାର୍ଡ, ନେଟ୍ ବ୍ୟାଙ୍କିଂ ଏବଂ ୱାଲେଟ୍ ସମେତ ପରିଚିତ ପେମେଣ୍ଟ ମୋଡ୍ ମାଧ୍ୟମରେ କାରବାର ସୁନିଶ୍ଚିତ କରାଯାଇପାରିବ।

ନୂତନ ବର୍ଗ ବିଷୟରେ କହିବାକୁ ଯାଇ, ଏନବିବିଏଲର ଏମଡ଼ି ଏବଂ ସିଇଓ ଶ୍ରୀମତୀ ନୁପୁର ଚତୁର୍ବେଦୀ କହିଛନ୍ତି, 'ଯେହେତୁ ବୈଦ୍ୟୁତିକ ଗମନାଗମନ ଭାରତର ପରିବହନ ଦୃଶ୍ୟପଟର କେନ୍ଦ୍ରବିନ୍ଦୁ ପାଲଟୁଛି, ଇଭି-ୱାଲେଟ୍ ରିଚାର୍ଜ ପାଇଁ ଏକ ନିର୍ଭରଯୋଗ୍ୟ ସମାଧାନ ପ୍ରଦାନ କରିବା ଅତ୍ୟନ୍ତ ଜରୁରୀ। ଏହି ଆବଶ୍ୟକତା ପୂରଣ କରିବା ପାଇଁ, ଆମେ ଭାରତ କନେକ୍ଟର ଦୃଢ଼ ଏବଂ ବିସ୍ତାରିତ ବିଲର୍ ନେଟୱାର୍କରେ ସେବାକୁ ଏକୀକୃତ କରିଛୁ, ଯାହାର ପହଞ୍ଚ ଏବଂ ଅନ୍ତଃକାର୍ଯ୍ୟକ୍ଷମତାକୁ ବ୍ୟବହାର କରି ସାରା ଦେଶରେ ଇଭି ଉପଭୋକ୍ତାଙ୍କ ପାଇଁ ଏକୀକୃତ ଅଭିଜ୍ଞତା ସୁନିଶ୍ଚିତ କରିବ।

## ସୁନା ମୂଲ୍ୟ ନିର୍ଦ୍ଧାରଣରେ ବିଶ୍ୱସନୀୟତା ରକ୍ଷା କରାଯିବା ଆବଶ୍ୟକ : ଏମ୍ ପି ଅହମ୍ମଦ

**ଭୁବନେଶ୍ୱର, ୧୯।୧ (ନି.ପ୍ର):** ମାଲାବାର ଗ୍ରୁପର ଅଧ୍ୟକ୍ଷ ଏମ୍ ପି ଅହମ୍ମଦ ସତର୍କ କରାଇ ଦେଇଛନ୍ତି ଯେ ଭାରତରେ ସୁନା ମୂଲ୍ୟ ନିର୍ଦ୍ଧାରଣରେ କିଛି ପ୍ରଥା ପ୍ରତିଷ୍ଠିତ ମାନଦଣ୍ଡରୁ ବିଚ୍ୟୁତ ହେଉଛି ଏବଂ ଦେଶର ସୁନା ବ୍ୟବସାୟର ଦୀର୍ଘକାଳୀନ ବିଶ୍ୱସନୀୟତାକୁ ଦୁର୍ବଳ କରିବାର ବିପଦ ସୃଷ୍ଟି କରୁଛି।



ସେ କହିଛନ୍ତି ଯେ ସୁନା ମୂଲ୍ୟ ତିନୋଟି ପ୍ରମୁଖ କାରଣ ମାଧ୍ୟମରେ ନିର୍ଦ୍ଧାରଣ କରାଯାଏ: ଅନ୍ତର୍ଜାତୀୟ ସୁନା ମୂଲ୍ୟ, ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କାର ବିନିମୟ ହାର ଏବଂ ଆମଦାନୀ ଶୁଳ୍କ। ସୀମା ଶୁଳ୍କ ଏକ ନିର୍ଦ୍ଦିଷ୍ଟ ଅବଧି ପାଇଁ ସ୍ଥିର ରହିଲେ ମଧ୍ୟ, ବିଶ୍ୱ ମୂଲ୍ୟରେ ଉତ୍ଥାନ-ପତନ ଏବଂ ମୁଦ୍ରା ଗତିବିଧି ଦୈନିକ ମୂଲ୍ୟ ନିର୍ଦ୍ଧାରଣରେ ସଂଶୋଧନ ଆବଶ୍ୟକ କରିଥାଏ। ପାରମ୍ପରିକ ଭାବରେ, ବାଣିଜ୍ୟ ସଂଗଠନଗୁଡ଼ିକ ଦ୍ୱାରା ସୁନା ମୂଲ୍ୟ ଏକ ସ୍ୱଚ୍ଛ ଏବଂ ନିର୍ଭରଯୋଗ୍ୟ ଉପାୟରେ ସ୍ଥିର କରାଯାଏ ଏବଂ ସକାଳ ୯:୩୦ ପୂର୍ବରୁ ପ୍ରକାଶିତ ହୋଇଥାଏ। ପ୍ରତ୍ୟେକ ଦିନ ପାଇଁ ନିର୍ଦ୍ଧାରିତ ମୂଲ୍ୟ କେବଳ ବଜାର ଅସ୍ଥିରତା କ୍ଷେତ୍ରରେ ସଂଶୋଧନ କରାଯାଏ।

ତଥାପି, ଏମ୍ ପି ଅହମ୍ମଦ ଉଲ୍ଲେଖ କରିଛନ୍ତି ଯେ, କିଛି ନିର୍ଦ୍ଦିଷ୍ଟ କ୍ଷେତ୍ରରେ, ବ୍ୟବସାୟୀ ବର୍ଗର ଏକ ଅଂଶ ଗ୍ରାହକଙ୍କୁ ସ୍ପଷ୍ଟ ଯଥାର୍ଥତା ପ୍ରଦାନ ନକରି, ପ୍ରତିଷ୍ଠିତ ତନ୍ତ୍ରର ବିପରୀତ, ମନଇଚ୍ଛା ମୂଲ୍ୟ ବୃଦ୍ଧି କରୁଛନ୍ତି। ସେ ପ୍ରକାଶ କରିଛନ୍ତି ଯେ, ଏପରି ପ୍ରଥା କ୍ଷେତ୍ର ଗତ ବ୍ୟବସାୟ ପ୍ରତି ବିଶ୍ୱାସକୁ ହ୍ରାସ କରିପାରେ ଏବଂ ଗ୍ରାହକ, ନିବେଶକ ଓ ଶିଳ୍ପ ଅଂଶୀଦାରମାନଙ୍କ ମଧ୍ୟରେ ଏହା ଚିନ୍ତା ସୃଷ୍ଟି କରିପାରେ। ସେ ସମସ୍ତ ସମ୍ପୃକ୍ତଙ୍କୁ ଏପରି କାର୍ଯ୍ୟରୁ ନିବୃତ୍ତ ରହିବାକୁ ଅନୁରୋଧ କରିଛନ୍ତି, ଯାହା ବାଣିଜ୍ୟର ଅଖଣ୍ଡତାକୁ କ୍ଷତି ପହଞ୍ଚାଉଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପାଇଁ ଗ୍ରାହକ ସ୍ୱାର୍ଥ ସର୍ବୋଚ୍ଚ ପ୍ରାଥମିକତା ରହିଛି ଏବଂ ସମସ୍ତ ବ୍ୟବସାୟିକ ପରିଚାଳନା ସ୍ୱଚ୍ଛତା ଓ ନିରପେକ୍ଷତାର ସହ ପରିଚାଳିତ ହେଉଛି। ସେ ରାଜ୍ୟଗୁଡ଼ିକ ମଧ୍ୟରେ ମୂଲ୍ୟ ବୈଷମ୍ୟ ଦୂର କରିବା ପାଇଁ ପ୍ରଚଳିତ କମ୍ପାନୀର 'ଏକ ଭାରତ ଏକ ସୁନା ହାର' ପଦକ୍ଷେପ ଉପରେ ମଧ୍ୟ ଆଲୋକପାତ କରି ପ୍ରକାଶ କରିଛନ୍ତି ଯେ, ଯେହେତୁ ଟିକସ ହାର ସାରା ଦେଶରେ ସମାନ, ସୁନା – ଯାହାର ମୂଲ୍ୟ ଆନ୍ତର୍ଜାତୀୟ ମାନଦଣ୍ଡ ସହିତ ଜଡିତ – ସାରା ଦେଶରେ ସମାନ ମୂଲ୍ୟରେ ବିକ୍ରି ହେବା ଉଚିତ।

## କୋକ୍ ଷ୍ଟୁଡ଼ିଅ ଭାରତ ପକ୍ଷରୁ ପ୍ରଥମ ଥର ପାଇଁ ଦିଲ୍ଲୀ ଏବଂ ଗୌହାଟୀରେ ଡେବ୍ୟୁଟ

**ଭୁବନେଶ୍ୱର, ୧୯।୧ (ନି.ପ୍ର):** କୋକା-କୋଲା ଭାରତର ସାଂସ୍କୃତିକ ଯାତ୍ରାରେ ପ୍ରଥମ ଥର ପାଇଁ କୋକ୍ ଷ୍ଟୁଡ଼ିଅ ଭାରତ ଲାଇଭର ଶୁଭାରମ୍ଭ ସହିତ ସମ୍ମିଳିତ ଭାବରେ ଭାରତର ସବୁଠାରୁ ଅଧିକ ଶକ୍ତିଶାଳୀ ସ୍ୱର ତଥା ବିବିଧ ସଙ୍ଗୀତର ପ୍ରଭାବଶାଳୀ ବର୍ଗଙ୍କୁ ନେଇ ଆସୁଅଛି ଯାହା ଜନପ୍ରିୟ ସଙ୍ଗୀତର ମଂଚକୁ ପରଦାରୁ ମଂଚ ପର୍ଯ୍ୟନ୍ତ ଆଣି ଏକ ଐତିହାସିକ ମୁହୂର୍ତ୍ତ ସୃଷ୍ଟି କରିପାରିଛି। ଏକ ବଡ଼ ଧରଣର ଲାଇଭ ସଂସ୍କରଣ ଭାବରେ ପରିକଳ୍ପିତ କୋକ୍ ଷ୍ଟୁଡ଼ିଓ ଭାରତର ଏହି ପଦକ୍ଷେପ ବିଭିନ୍ନ ସଙ୍ଗୀତର ସ୍ୱରକୁ ମିଳିତ କରିବା ସହକଳାକାର ଓ ଶ୍ରୋତା ମାନଙ୍କ ମଧ୍ୟରେ ଅଭୁଲା ମୁହୂର୍ତ୍ତ ସୃଷ୍ଟି କରିଛି।

କୋକ୍ ଷ୍ଟୁଡ଼ିଓ ଲାଇଭର ଏହି ଉଦ୍‌ଘାଟନୀ ସଂସ୍କରଣ ଜାନୁୟାରୀ ୧୦ରେ ଦିଲ୍ଲୀ ଏବଂ ଜାନୁୟାରୀ ୧୩ରେ ଗୌହାଟୀ ଠାରେ ଅନୁଷ୍ଠିତ ହୋଇଯାଇଛି, ଯେଉଁଥିରେ ପ୍ରତ୍ୟେକ ସହର ଏହି ମଂଚର ଆଦର୍ଶ ଏବଂ ଆଂଚଳିକ ମୌଳିକତାକୁ ଜାତୀୟ ସ୍ତରର ଦର୍ଶକଙ୍କ ନିକଟରେ ଅତି ସୁନ୍ଦର ଭାବରେ ଉପସ୍ଥାପନ କରିପାରିଛନ୍ତି।

ଶାନ୍ତନୁ ଗାଙ୍ଗାନେ, ଆଇଏମଏକ୍ସ (ଇଂଟିଗ୍ରେଟେଡ୍ ମାର୍କେଟିଙ୍ଗ ଏକ୍ସପେରିଏନ୍ସ) ଲିଡ୍, କୋକା-କୋଲା ଇଣ୍ଡିଆ ଏବଂ ସାଉଥୱେଷ୍ଟ ଏସିଆ ମତବ୍ୟକ୍ତ କରି କହିଛନ୍ତି, 'କୋକ୍ ଷ୍ଟୁଡ଼ିଅ ଭାରତ ଲାଇଭ ହେଉଛି ପରଦାରୁ ମଂଚ କୁ ଏକ ପ୍ରଥମ ପଦକ୍ଷେପ, ଯେଉଁଠାରେ ସଙ୍ଗୀତ, ଖାଦ୍ୟ ଏବଂ କ୍ରୀଡ଼ାକୁ ଏକାଠି କରାଯାଇଛି। ଦିଲ୍ଲୀ ଏବଂ ଗୌହାଟୀରେ ଲୋକଙ୍କ ମଧ୍ୟରେଏହା ଦ୍ୱାରା ଉତ୍ସାହ ଦେଖିବାକୁ ମିଳିଛି। କଳାକାରଙ୍କ ସହଯୋଗ, ମୁକ୍ତିଲାଭ କରି ନଥିବା ଗୀତର ପୂର୍ବାଭାଷ ଏବଂ କଳାକାରଙ୍କ ସହ ମଂଚରେ ପ୍ରଶଂସକଙ୍କ ସାମିଲ ହେବା ଘଟଣା ସେଠାରେ ଏକ ପ୍ରକୃତ ସମ୍ପର୍କ ସୃଷ୍ଟି କରିଛି। ଉଭୟ ସହରରେ ଦେଖାଦେଇଥିବା ଆଦୃତତା କୋକ୍ ଭାରତର ସଫଳତାକୁ ସଂଗଠିତ ଅଭିଜ୍ଞତା ସହିତ ପ୍ରତିଫଳିତ କରିପାରିଛି।

ନୂଆଦିଲ୍ଲୀର ଓଖଲା ସ୍ଥିତ ଏନଏସଆଇସି ଗ୍ରାଉଣ୍ଡରେ ଏହି




ଲାଇଭ ଯାତ୍ରାର ଆରମ୍ଭ ହୋଇଥିଲା। ଶ୍ରେୟା ଘୋଷାଲ, ଆଦିତ୍ୟ ରିଖାରୀ, ରଶ୍ମିତ କୌର, ଦିବ୍ୟଙ୍ଗ ଏବଂ ଖ୍ୱାବଙ୍କ ପ୍ରଦର୍ଶନ ଏଭଳି ଏକ ଅଭିଜ୍ଞତାକୁ ନେଇ ସେଠାରେ ଏହି ସନ୍ଧ୍ୟାକୁ ଆଧୁନିକ ତଥା ଭାବପୂର୍ଣ୍ଣ ସଙ୍ଗୀତରେ ଭରି ଦେଇଥିଲା।

ପ୍ରଶଂସକଙ୍କ ପାଇଁ ଏକବିଶେଷ ତଥା ସ୍ୱତନ୍ତ୍ର ମୁହୂର୍ତ୍ତରେ, ଆଦିତ୍ୟ ରିଖାରୀତାଙ୍କର ଏକ ଅପ୍ରକାଶିତ ଗୀତର ଲଞ୍ଚ ମଂଚରେ ଉପସ୍ଥାପନ କରି ସମସ୍ତଙ୍କୁ ଚକିତ କରିଦେଇଥିଲେ। କାର୍ଯ୍ୟକ୍ରମର ଶେଷ ଭାଗରେ ଶ୍ରେୟା ଘୋଷାଲ, ଆଦିତ୍ୟ ରିଖାରୀ, ରଶ୍ମିତ କୌର, ଦିବ୍ୟଙ୍ଗ ଏବଂ ଖ୍ୱାବ ଏକାଠି ହୋଇ ଆଇକନିକ୍ କୋକ୍ ଷ୍ଟୁଡ଼ିଅର କେତେକ ଜନପ୍ରିୟ ସଙ୍ଗୀତ ଗାନ କରିଥିଲେ। ଏପରିକି ଜଣେ ଭାଗ୍ୟଶାଳୀ ପ୍ରଶଂସକଙ୍କୁ ଶ୍ରେୟା ଘୋଷାଲଙ୍କ ସହ ମଂଚରେ ଗାଇବାକୁ ସୁଯୋଗ ମିଳିଥିଲା ଯାହା ଏହି ସଙ୍ଗୀତ କାର୍ଯ୍ୟକ୍ରମକୁ ଆହୁରି ଅଧିକ ଏକ ସ୍ମରଣୀୟ ଉତ୍ସବରେ ପରିଣତ କରିଥିଲା।

ରାଜଧାନୀ ଦିଲ୍ଲୀ ପରେ ଏହି ଯାତ୍ରା ଗୌହାଟୀରେ ପହଂଚିଥିଲା, ଯେଉଁଠାରେ କୋକ୍ ଷ୍ଟୁଡ଼ିଅ ଭାରତ ଲାଇଭ ଉତର-ପୂର୍ବ ଭାରତର କଳାକାରଙ୍କ ସ୍ୱରକୁ ଏକ ଶକ୍ତିଶାଳୀ ପରିଚୟ ଦେଇଥିଲା। ବର୍ଷାପଡ଼ା ସ୍ଥିତ ଏସିଏ ଷ୍ଟାଡ଼ିୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଂଚଳର କିଛି ଭାବୁକ କାବ୍ୟକଳାକାର ମାନଙ୍କ ଗଭୀରତାକୁ ନେଇ ଏହି ସାଙ୍ଗୀତିକ ସ୍ୱତନ୍ତ୍ରତାକୁ ପ୍ରଦର୍ଶିତ କରାଯାଇଥିଲା।

ଅନୁଭ ଜୈନ, ଶଙ୍କୁରାଜ କୋନୱାର, ରିତୋ ରିବା ଏବଂ ଅନୁଷ୍କା ମାସ୍କେଙ୍କ ପ୍ରଦର୍ଶନ ଏକ ଆଧୁନିକ ତଥା ଆଂଚଳିକ ମୌଳିକତାର ବାତାବରଣ ସୃଷ୍ଟି କରିଥିଲା। ଏହି ସନ୍ଧ୍ୟାର ଏକ ବିଶେଷ ମୁହୂର୍ତ୍ତ ମଧ୍ୟରେ ଥିଲା ଯେତେବେଳେ ସମସ୍ତ କଳାକାର ମଂଚରେ ଏକାଠି ହୋଇ 'ଅର୍ଜକିୟା ହେଁ' ସଙ୍ଗୀତ ଗାଇଥିଲେ। ଏହାର କିଛି ଚୟନ କରାଯାଇଥିବା ପ୍ରଶଂସକଙ୍କୁ ମଂଚକୁ ଏବଂ ପରେ ପଛପଟେ ଥିବା ଏକ ସ୍ୱତନ୍ତ୍ର ଅନପ୍ଲଗଡ଼ ଅଧିବେଶନ ପାଇଁ ସେମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ସୋସିଆଲ ମିଡ଼ିଆ ଏବଂ କାର୍ଯ୍ୟକ୍ରମ ସ୍ଥଳରେ ହୋଇଥିବା ବିଭିନ୍ନ ପ୍ରତିଯୋଗୀତା ମାଧ୍ୟମରେ ଏହି ପ୍ରଶଂସକଙ୍କୁ ବଛା ଯାଇଥିଲା।

